ବର୍ଷ-୨୫, ସଂଖ୍ୟା-୧୧୭
ଭୁବନେଶ୍ୱର
୨୯, ଏପ୍ରିଲ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 117
Bhubaneswar
29, April, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ନୂଆ ତାରକା ସୂର୍ଯ୍ୟବଂଶୀ

## ଭାରତ-ପାକ୍ ଯୁଦ୍ଧ ଆସନ୍ନ

# ୪୨ ଆତଙ୍କବାଦୀଙ୍କ ଲଞ୍ଚ ପ୍ୟାଡ୍ ଚିହ୍ନଟ

ନୂଆଦିଲ୍ଲୀ,୨୮।୪(ମହାଭାରତ): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ ଉପରେ ଭାରତୀୟ ସୁରକ୍ଷା ବାହିନୀ ତୀକ୍ଷ୍ଣ ନଜର ରଖିଛି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ପାକିସ୍ତାନ ନିୟନ୍ତ୍ରିତ ଅଞ୍ଚଳରେ ଆତଙ୍କବାଦୀମାନେ ବଙ୍କରରେ ଲୁଚି ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି। ଏହି ସମୟରେ ଭାରତୀୟ ସେନା ପିଓକେରେ ଥିବା ୪୨ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ ଚିହ୍ନଟ କରି ସେଗୁଡ଼ିକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ବିଶେଷତଃ ନିକଟରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ଉତ୍ତେଜନା ଆହୁରି ବଢ଼ିଯାଇଛି।

ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକର ରିପୋର୍ଟ ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ ସକ୍ରିୟ ରହିଛି, ଯେଉଁଠାରେ ପ୍ରାୟ ୧୩୦ ଆତଙ୍କବାଦୀ ଭାରତ ବିରୋଧରେ ଆକ୍ରମଣର ଯୋଜନା କରୁଛନ୍ତି। ଏହି ଶିବିରଗୁଡ଼ିକ ପାକିସ୍ତାନ ସେନା ଏବଂ ଆଇଏସଆଇ (ଇଣ୍ଟର-ସର୍ଭିସେସ ଇଣ୍ଟେଲିଜେନ୍ସ) ଦ୍ୱାରା ସମର୍ଥିତ ବୋଲି ଅଭିଯୋଗ ହୋଇଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଲସ୍କର-ଏ-ତୋଇବା (ଏଲଇଟି), ଜୈଶ-ଏ-ମହମ୍ମଦ (ଜେଇଏମ) ଏବଂ ହିଜବୁଲ ମୁଜାହିଦ୍ଦିନ (ଏଚଏମ) ଭଳି ସଂଗଠନଗୁଡ଼ିକ ବଙ୍କରରେ ଲୁଚି ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସଂଗ୍ରହ କରୁଛନ୍ତି। ଏହି ବଙ୍କରଗୁଡ଼ିକ ଲାଇନ୍ ଅଫ କଣ୍ଟ୍ରୋଲ (ଏଲଓସି) ନିକଟରେ ଅବସ୍ଥିତ, ଯାହା ଭାରତରେ ଅନୁପ୍ରବେଶ ପାଇଁ ବ୍ୟବହୃତ ହେଉଛି।ପହଲଗାମ ଆତଙ୍କବାଦୀ ଆକ୍ରମଣ (୨୨ ଏପ୍ରିଲ ୨୦୨୫) ପରେ, ଯେଉଁଥିରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ, ଭାରତ ପାକିସ୍ତାନ ବିରୋଧରେ କଠୋର ଅବସ୍ଥାନ ଗ୍ରହଣ କରିଛି ଏହି ଆକ୍ରମଣର ଦାୟିତ୍ୱ ଦ ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ), ଯାହା ଲସ୍କର-ଏ-



ତୋଇବାର ଏକ ଶାଖା, ନେଇଥିଲା। ଭାରତୀୟ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ଏଲଓସି ନିକଟରେ ସୁରକ୍ଷା ବଢ଼ାଇଛନ୍ତି ଏବଂ ଡ୍ରୋନ ଓ ସାଟେଲାଇଟ ମାଧ୍ୟମରେ ଲଞ୍ଚ ପ୍ୟାଡଗୁଡ଼ିକ ଉପରେ ନଜର ରଖିଛନ୍ତି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ବଢୁଥିବା ସୁରକ୍ଷା ଚିନ୍ତା ମଧ୍ୟରେ, ଜମ୍ମୁ ଏବଂ କାଶ୍ମୀର ପୋଲିସ ସୋମବାର ସକାଳେ ଡୋଡା ଜିଲ୍ଲାର ୧୩ ଟି ସ୍ଥାନରେ ଚଢାଉ କରିଛି। ଏହି ଅପରେସନର ଲକ୍ଷ୍ୟ ଥିଲା ଆତଙ୍କବାଦୀ ଆଡ୍ଡାଗୁଡ଼ିକର ପର୍ଦ୍ଦାଫାସ କରିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।ପୂର୍ବରୁ, ଶ୍ରୀନଗର ପୋଲିସ ମଧ୍ୟ ଆତଙ୍କବାଦୀ ସଂଗଠନର ଓଭରଗ୍ରାଉଣ୍ଡ ବର୍କର ଏବଂ ସହଯୋଗୀମାନଙ୍କ ଆଡ୍ଡାରେ ଏକ ବଡ଼ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ବେଆଇନ କାର୍ଯ୍ୟକଳାପ ଆଇନ ଅନୁଯାୟୀ ପଞ୍ଜିକୃତ ମାମଲାର ତଦନ୍ତ ସହିତ ଜଡିତ ଏହି ଚଢାଉ କରାଯାଇଥିଲା। ପୋଲିସର ସୂଚନା ଅନୁଯାୟୀ, ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଆଇନଗତ ପ୍ରକ୍ରିୟା ଅନୁସରଣ କରି ଶ୍ରୀନଗରରେ ୬୩ ଜଣଙ୍କ ଘରେ ଚଢାଉ କରାଯାଇଥିଲା। ସର୍ଚ୍ଚଅପରେସନର ଲକ୍ଷ୍ୟ ଥିଲା ଅସ୍ତ୍ରଶସ୍ତ୍ର, ଡକ୍ୟୁମେଂଟ, ଡିଜିଟାଲ୍ ଡିଭାଇସ୍ ଇତ୍ୟାଦି ଜବତ କରିବା, ଯାହା ଦ୍ୱାରା ଯେକୌଣସି ଷଡ଼ଯନ୍ତ୍ରକାରୀ କିମ୍ବା ଆତଙ୍କବାଦୀ କାର୍ଯ୍ୟକଳାପକୁ ସମୟ ମଧ୍ୟରେ ଚିହ୍ନଟ କରାଯାଇ ରୋକାଯାଇପାରିବ।

## ପାକିସ୍ତାନର ୧୬ ୟୁଟ୍ୟୁବ ଚ୍ୟାନେଲ୍ ବ୍ୟାନ

ନୂଆଦିଲ୍ଲୀ,୨୮।୪(ମହାଭାରତ): ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଉସୁକାଇବା ସାମଗ୍ରୀ ପ୍ରସାରିତ କରିବା ଅଭିଯୋଗରେ ପାକିସ୍ତାନର ୧୬ ୟୁଟ୍ୟୁବ ଚ୍ୟାନେଲ୍ ଉପରେ ପ୍ରତିବନ୍ଧକ ଲଗାଇଛି ଭାରତ। ଯାହାରକି ମୋଟ୍ ୬୩ ମିଲିୟନ ସବସ୍କ୍ରାଇବର ଅଛନ୍ତି । ଗୃହ ମନ୍ତ୍ରାଳୟର ସୁପାରିଶ ପରେ ଏହି ପ୍ରତିବନ୍ଧକ ଲଗାଯାଇଛି । ଏବଂ ଏଥିରେ ପ୍ରମୁଖ ସମାଚାର ଆଉଟଲେଟ ଏବଂ ପତ୍ରକାର ସାମିଲ୍ ରହିଛି । ପ୍ରତିବନ୍ଧକ




ଲଗାଯାଇଥିବା ପ୍ଲାଟଫର୍ମରେ ରହିଛି ସମାଚାର ଆଉଟଲେଟ ଡନ୍, ସମା ଟିଭି, ଏଆରୱାଇ ନ୍ୟୁଜ, ବୋଲ ନ୍ୟୁଜ, ରଫତାର, ଜିୟୋ ନ୍ୟୁଜ ଏବଂ ସୁନୋ ନ୍ୟୁଜର ୟୁଟ୍ୟୁବ ଚ୍ୟାନେଲ୍ ସାମିଲ୍ ରହିଛି । ସାମ୍ବାଦିକ ହରଶାଦ ଭଟ୍ଟି, ଅସ୍ମା ଶିରାଜୀ, ଉମର ଚିମା ଏବଂ ମୁନିବ ଫାରୁକଙ୍କ ୟୁଟ୍ୟୁବ ଚ୍ୟାନେଲ୍ ମଧ୍ୟ ପ୍ରତିବନ୍ଧିତ କରାଯାଇଛି । ସେହିପରି ଅନ୍ୟ ଯେଉଁ ହ୍ୟାଣ୍ଡେଲ ଉପରେ ପ୍ରତିବନ୍ଧକ ଲଗାଯାଇଛି ସେଗୁଡିକ ମଧ୍ୟରେ ରହିଛି ଦି ପାକିସ୍ତାନ ରେଫରେନ୍ସ, ସମା ସ୍ପୋର୍ଟସ୍, ଉଜୈର କ୍ରିକେଟ ଏବଂ ରଜି ନାମା ଇତ୍ୟାଦି । ଏଥି ସହିତ ସରକାର ବିବିସିକୁ ମଧ୍ୟ ସେହି ଶୀର୍ଷକ ଉପରେ ଚେତାବନୀ ଦେଇଛି, ଯେଉଁଥିରେ ଲେଖାଯାଇଥିଲା ଯେ, 'ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଘାତକ ଆକ୍ରମଣ ପରେ ପାକିସ୍ତାନ ଭାରତୀୟ ମାନଙ୍କ ନିମନ୍ତେ ଭିସା ରଦ୍ଦ କରିଛି । ବିବିସି ନିଜ ଷ୍ଟୋରିରେ ଆତଙ୍କବାଦୀଙ୍କୁ ମିଲିଟାଂଟ କହିଛି ।

## ନୌସେନା ପାଇଁ ଆସିବ ୨୬ ରାଫେଲ

ନୂଆଦିଲ୍ଲୀ,୨୮।୪(ମହାଭାରତ): ଭାରତ-ଫ୍ରାନ୍ସ ମଧ୍ୟରେ ୨୬ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ପାଇଁ ସୋମବାର ୬୩ହଜାର କୋଟିର ବୁଝାମଣା ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଭାରତରେ ଫ୍ରାନ୍ସର ରାଷ୍ଟ୍ରଦୂତଙ୍କ ମଧ୍ୟରେ ହୋଇଥିବା ଏହି ବୁଝାମଣାରେ ଭାରତୀୟ ନୌସେନାର ଯୁଦ୍ଧ ଶକ୍ତି ଆହୁରି ଅଧିକ ସୁଦୃଢ ହେବ । ଭାରତୀୟ ପକ୍ଷର ପ୍ରତିନିଧିତ୍ୱ ରକ୍ଷା ସଚିବ ରାଜେଶ କୁମାର ସିଂହ କରିଥିବା ବେଳେ ନୌସେନାର ଉପମୁଖ୍ୟ ଭାଇସ ଆଡମିରଲ କେ.ସ୍ୱାମୀନାଥନ ଉପସ୍ଥିତ ଥିଲେ ।



ଭାରତ ଓ ଫ୍ରାନ୍ସ ଆଜି ୨୬ ରାଫେଲ ମରିନ ବିମାନ କିଣିବା ପାଇଁ ୬୩ହଜାର କୋଟି ଟଙ୍କାର ବଡ ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତା ବିଶିଷ୍ଟ ସୁରକ୍ଷା ମାମଲାର କେନ୍ଦ୍ର କ୍ୟାବିନେଟ୍ କମିଟି ଚଳିତ ମାସ ଏପ୍ରିଲ ୯ରେ ଫ୍ରାନ୍ସରୁ ୨୬ ରାଫେଲ ମରିନ ଯୁଦ୍ଧ ବିମାନ କିଣିବା ପାଇଁ ମେଗା ଡିଲକୁ ମଂଜୁରୀ ଦେଇଥିଲେ । ଏହି ବୁଝାମଣା ଅଧୀନ ଭାରତୀୟ ନୌସେନାକୁ ୨୨ ସିଙ୍ଗଲ-ସିଟର ଓ ୪ଟି ଟ୍ୱିନ ସିଟର ବିମାନ ମିଳିବ । ଏହାଦ୍ୱାରା ଭାରତୀୟ ନୌସେନାର ଯୁଦ୍ଧ ଶକ୍ତି ଆହୁରି ଅଧିକ ମଜବୁତ ହେବ । ଫ୍ରାନ୍ସକୁ ଏମଓୟୁ ଅନ୍ତର୍ଗତ ବୁଝାମଣାରେ ସ୍ୱାକ୍ଷର କରିବା ଦିନରୁ ୩୭ମାସ ଭିତରେ ପ୍ରଥମ ରାଫେଲ ମରିନ ବିମାନ ଦେବାର ବାଧ୍ୟତା ହେବ ।

## ପଦ୍ମ ପୁରସ୍କାର ଗ୍ରହଣ କଲେ ୪ ଓଡ଼ିଆ





ନୂଆଦିଲ୍ଲୀ,୨୮୪(ମହାଭାରତ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପଦ୍ମ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପାଇଥିବା ଲୋକଙ୍କ ମଧ୍ୟରେ ଜନସେବା, ଚିକିତ୍ସା, ଶିଳ୍ପ, କଳା, ବିଜ୍ଞାନ, ଚଳଚ୍ଚିତ୍ର ଆଦି ବିଭିନ୍ନ ଜଗତର ଅନେକ ଲୋକ ଅଛନ୍ତି। ଏଥିରେ ଶେଖର କପୁରଙ୍କଠାରୁ ଆରମ୍ଭ କରି ଗାୟକ ଅରିଜିତ ସିଂହଙ୍କ ପର୍ଯ୍ୟନ୍ତ ନାମ ରହିଛି।ସେହିପରି ବିଜେତାଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଅଛନ୍ତି। ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ (କଳା), ପ୍ରଫେସର (ଡ. ଅଶୋକ କୁମାର ମହାପାତ୍ର (ଚିକିତ୍ସା), ଡ. ପ୍ରତିଭା ଶତପଥୀ (ସାହିତ୍ୟ ଓ ଶିକ୍ଷା), ଦୁର୍ଗା ଚରଣ ରଣବୀର (କଳା) କଳା କ୍ଷେତ୍ରରେ ଅବଦାନ ପାଇଁ ପ୍ରବୀଣ ଗାୟକ ପଙ୍କଜ ଉଧାସଙ୍କୁ ମରଣୋତ୍ତର ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା। ତାଙ୍କ ପତ୍ନୀ ଫରିଦା ପଙ୍କଜ ଉଦାସ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ସିନେ ଜଗତ ସହ ଜଡ଼ିତ କିଛି ପ୍ରତିଷ୍ଠିତ କଳାକାରଙ୍କୁ ଆଜି ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ନନ୍ଦାମୁରୀ ବାଲକୃଷ୍ଣ, ଅଜିତ କୁମାର ଏବଂ ଅରିଜିତ ସିଂହଙ୍କ ଭଳି କଳାକାରମାନଙ୍କୁ ଆଜି ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି।

ଅଦ୍ୱୈତ ଚରଣ ଗଡ଼ନାୟକ ଜଣେ ପ୍ରସିଦ୍ଧ ଭାରତୀୟ ମୂର୍ତ୍ତିଶିଳ୍ପୀ, ଯିଏ କି କଳା ଜଗତରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜଣାଶୁଣା ଅନେକ ଦଶନ୍ଧି ଧରି ଚାଲିଥିବା ତାଙ୍କ କଳାକୃତି ତାଙ୍କୁ ଉଭୟ ଭାରତ ଓ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛି। ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଐତିହ୍ୟର ଗଭୀରତାକୁ ପ୍ରତିଫଳିତ କରୁଥିବା ମୂର୍ତ୍ତି ନିର୍ମାଣରେ ତାଙ୍କର ଦକ୍ଷତା ପାଇଁ ସେ ବହୁତ ପ୍ରଶଂସିତ।

ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଦେଶର ଜଣେ ବିଶିଷ୍ଟ ନ୍ୟୁରୋ ସର୍ଜନ ଯିଏ କି ସୋଆ। (ଡିମଡ୍) ବିଶ୍ୱବିଦ୍ୟାଳୟର ଚିକିତ୍ସା ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି। ୧୯୮୩ରୁ ୨୦୧୭ ପର୍ଯ୍ୟନ୍ତ ସେ ଦିଲ୍ଲୀ ଏମ୍ସରେ ନ୍ୟୁରୋ ସର୍ଜରୀ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ସେହିପରି ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଦୁର୍ଗା ଚରଣ ରଣବୀର ତାଙ୍କର ଅସାଧାରଣ ନୃତ୍ୟକଳା ପାଇଁ ଜଣାଶୁଣା ଏବଂ ଜଣେ ଗୁରୁ ଭାବରେ ସମ୍ମାନିତ। ଏହି କ୍ଷେତ୍ରର ଅନ୍ୟତମ ବରିଷ୍ଠ ଗୁରୁ ଭାବରେ ତାଙ୍କର ଅନ୍ତର୍ଜାତୀୟ ସ୍ୱୀକୃତି ତାଙ୍କ ଯୋଗ୍ୟତାର ପ୍ରମାଣ।

## ଅନ୍ଧାରରେ ଅଧା ୟୁରୋପ

ନୂଆଦିଲ୍ଲୀ,୨୮।୪(ମହାଭାରତ): ୟୁରୋପ ଭଳି ବିକଶିତ ମହାଦେଶରେ ପାୱାରକଟ୍ ସମସ୍ୟା ଦେଖାଦେଇଛି। ୟୁରୋପୀୟ ଦେଶ ସ୍ପେନ୍, ଫ୍ରାନ୍ସ ଓ ପର୍ତ୍ତୁଗୀଜରେ ଭୀଷଣ ବିଦ୍ୟୁତ ସମସ୍ୟା ଦେଖାଦେଇଛି। ବାରମ୍ବାର ପାୱାରକଟ୍ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ଲୋକେ। ସମାଚାର ଏଜେନ୍ସି ଏସୋସିଏଟେଡ୍ ପ୍ରେସ୍‌ର ରିପୋର୍ଟରେ କୁହାଯାଇଛି, ସ୍ପେନର ରାଜଧାନୀ ମାଦ୍ରିଦ୍ ଓ ପର୍ତ୍ତୁଗୀଜ କ୍ୟାପିଟାଲ୍ ଲିସବନ୍‌ରେ ବତୀ ଗୁଲ୍ ହୋଇଯାଇଛି। ଏହାଛଡ଼ା ଫ୍ରାନ୍ସର କିଛି ବଡ଼ ସହରରେ ମଧ୍ୟରେ ବିଜୁଳି ବ୍ଲାକଆଉଟ୍ ହୋଇଥିବା ସୂଚନା ରହିଛି ।ସ୍ପେନ୍ ସରକାରୀ ବିଜୁଳି ଆବଣ୍ଟନ କମ୍ପାନି ରେଡ୍ ଇଲେକ୍ଟ୍ରିକା କହିଛି, ସହରରେ ନିରନ୍ତର ବିଦ୍ୟୁତ ସରବରାହ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ଯଥାଶୀଘ୍ର ପାୱାରକଟ୍ ସମସ୍ୟା ଦୂର ହେବ। ଏହାଛଡ଼ା କେଉଁ କାରଣରୁ ରାଜଧାନୀ ଏବଂ ଅନ୍ୟ ସହରରେ ବ୍ଲାକଆଉଟ୍ ହେଲା ଏହାର ବିଶ୍ଳେଷଣ ଚାଲିଛି। ଗ୍ରୀଡ୍ ଅପରେଟର କହିଛନ୍ତି, ବର୍ତ୍ତମାନ ସମୟରେ ବିଦ୍ୟୁତ ସପ୍ଲାଏ ପାଇଁ ସମସ୍ତ ପ୍ରୟାସ ଚାଲିଛି।ବିବିସି ରିପୋର୍ଟ ମୁତାବକ, ସ୍ପେନର ଜାତୀୟ ରେଳ କମ୍ପାନି ରେନେଫେ କର୍ତ୍ତୃପକ୍ଷ କହିଛନ୍ତି, ସ୍ଥାନୀୟ ସମୟ ପ୍ରାୟ ୧୨.୩୦ ମିନିଟରେ ଦେଶର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ବିଦ୍ୟୁତ ଗ୍ରୀଡ୍ କଟିଯାଇଛି।

## ୯୫୩୭ ଜମାକାରୀଙ୍କୁ ମିଳିବ ୨୦.୯୬ କୋଟି

ଭୁବନେଶ୍ୱର,୨୮।୪(ମହାଭାରତ): ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି।

ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଗଲା। ମୁଖ୍ୟମନ୍ତ୍ରୀ ପ୍ରତିକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ।



ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧,୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ।

ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭,୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ।

ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ। ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପାକ୍ସ/ଲାମ୍ପସ୍ ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ଏଇ ନୂଆ ପାକ୍ସ ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତି ନିଆଯାଇଛି।

## ୧ କୋଟି ଟଙ୍କାର ଗଞ୍ଜେଇ ଟ୍ରକ୍ ଜବତ

ଭୁବନେଶ୍ୱର, ୨୮।୪ (ମହାଭାରତ) : ଆଜି ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ଅଞ୍ଚଳରେ ଏକ ଟ୍ରକ୍ ଗଞ୍ଜେଇ ଜବତ ହୋଇଥିବା ଜଣାପଡ଼ିଛି। ଚୋରା ଚାଲାଣ ହେଉଥିବା ଏହି ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଆଜି ଓଡ଼ିଶାର ଫୁଲବାଣୀ ଜିଲ୍ଲାରୁ ହିମାଚଳ ପ୍ରଦେଶକୁ ବେଆଇନ ଭାବରେ ଏକ ଟ୍ରକ ଗଞ୍ଜେଇ ଚାଲାଣ କରାଯାଉଥିଲା। ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ପାଇଁ ଏକ ଡିଲ୍ ଚାଲିଥିବା ବେଳେ ଅତର୍କିତ ଚଢାଉ ସମୟରେ ଗଞ୍ଜେଇ ଧରାପଡ଼ିଥିଲା। କମିସନରେଟ୍ ପୁଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଏକ ସୂଚନା ଆଧାରରେ ଖଣ୍ଡଗିରି ଅଞ୍ଚଳର ଖାରବେଳ ପାର୍କ ନିକଟରେ ଏକ ଟ୍ରକକୁ ଅଟକାଇଥିଲା। ତଲାସୀ ସମୟରେ, ଟ୍ରକରେ କର୍ପୁର ପ୍ୟାକେଟ ପଛରେ ଲୁଚାଇ ରଖାଯାଇଥିବା ପାଞ୍ଚ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ୬ ସାଇବର ଠକ ଗିରଫ

ଭୁବନେଶ୍ୱର,୨୮।୪(ମହାଭାରତ): ଆଜି ରାଜ୍ୟ କ୍ରାଇମବ୍ରାଞ୍ଚ ଭିନ୍ନ ଭିନ୍ନ ୬ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ ଏବଂ କୋର୍ଟ ଚାଲାଣ କରିଛି। ପୁରୀର ନିଳାଦ୍ରୀ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଭକ୍ତମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ପୁଞ୍ଜି ନିବେଶ ନାମରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଠକଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ପୁରୀର ନୀଳାଦ୍ରୀ ଭକ୍ତ ନିବାସ ନାମରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଭକ୍ତମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଦୁଇ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଉଛନ୍ତି ଆଗ୍ରାର ଅଂଶୁମାନ ଶର୍ମା ଏବଂ ତାଙ୍କ ସହଯୋଗୀ ପ୍ରୟାଗରାଜ ବାସିନ୍ଦା ଅରବିନ୍ଦ କୁମାର। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକଙ୍କ ଅଭିଯୋଗ ଆଧାରରେ ଏହି ଠକେଇ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ ଅଭିଯୁକ୍ତ ମାନେ www.neeladribhaktanivas.in ନାମକ ଏକ ନକଲି ୱେବସାଇଟ୍ ଖୋଲି ଭକ୍ତମାନଙ୍କୁ ଏକ ମୋବାଇଲ୍ ନମ୍ବର ଓ ହ୍ୱାଟସଆପ୍ ଜରିଆରେ ଯୋଗାଯୋଗ କରୁଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସାଇବର ଠକେଇ ମାମଲାରେ ଅଭିଯୁକ୍ତ ଆକାଶ କେଶରାନୀଙ୍କୁ ପ୍ରୟାଗରାଜରୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ସେହିପରି କ୍ରାଇମ ବ୍ରାଞ୍ଚ (କେସ୍ ନଂ:-୫୦/୨୦୨୪) ମାମଲାରେ ପୋଲିସ ଗୁଜୁରାଟ ରାଜ୍ୟର ସୁରଟ ଅଞ୍ଚଳରେ ରହୁଥିବା ହିତେଶଭାଇ ପାତ୍ର (୩୯ ବର୍ଷ) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ଅନ୍ୟ ଏକ ମାମଲା (କେସ ନଂ:-୬୦/୨୦୨୪) ରେ ଅହମ୍ମଦାବାଦ ସର୍ଦ୍ଦାର ପଟେଲ ରିଙ୍ଗରୋଡ ଅଞ୍ଚଳରେ ରହୁଥିବା ପାର୍ଥ ପରମାର (୨୫)କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଛି। ସେହିପରି ଅନ୍ୟ ଏକ ମାମଲା (କେସ ନଂ:- ୫୭/୨୦୨୪) ରେ ଗୁଜରାଟ, ବେମ୍ବାର୍ଡି, ବୋଲୋଧାମ ଅଞ୍ଚଳରେ ରହୁଥିବା ଠକ୍କର କରସାନଜୀ ସୋଭାଜୀ (୪୮) ଏବଂ ଗୁଜରାଟ, ଖେଡା ଜିଲ୍ଲା, କପାଦଭଞ୍ଜ ଅଞ୍ଚଳର ବାସିନ୍ଦା କୁରେଶି ମହମ୍ମଦ ଅସଲମ୍ (୩୧ ବର୍ଷ)ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ସେହିପରି ଅନ୍ୟ ଏକ ପୃଥକ ମାମଲା (କେସ ନଂ:- ୦୩/୨୦୨୫) ରେ ଉତ୍ତରପ୍ରଦେଶ ପ୍ରୟାଗରାଜର ଆକାଶ କେଶରାନି, (୩୩ )ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଅଭିଯୁକ୍ତ ଆକାଶ ୧.୪ କୋଟି ଟଙ୍କାର ଏକ ପୁଞ୍ଜି ନିବେଶ ଠକେଇ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି ।

## କଟିବ ରାସନ କାର୍ଡ : ମନ୍ତ୍ରୀ

ଭୁବନେଶ୍ୱର,୨୮।୪(ମହାଭାରତ): ଓଡ଼ିଶାରେ ରାସନ କାର୍ଡ ହାତେଇଛନ୍ତି ବିଦେଶୀ। ରାଜ୍ୟରେ ପାକିସ୍ଥାନୀ, ବାଲାଂଦେଶୀ,ମିଆଁମାରର ନାଗରିକ ବସବାସ କରିବା ସହିତ ରାସନ କାର୍ଡ ହାତେଇଛନ୍ତି । ସେମାନଙ୍କର ଭୋଟର କାର୍ଡ ଏବଂ ଆଧାର କାର୍ଡ ମଧ୍ୟ ରହିଛି। ସେମାନଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏସବୁ ବିଦେଶୀ ନାଗରିକଙ୍କ ରାସନ କାର୍ଡ କଟାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ନୂଆ ରାସନ କାର୍ଡ ବାଂଟିବା ପାଇଁ ରାଜ୍ୟ ସରକାର ମେଗା କାର୍ଯ୍ୟକ୍ରମ କରିବେ । ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ ଟି ମେଗା କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ରାସନ କାର୍ଡ ପାଇଥିବା ବିଦେଶୀଙ୍କୁ ଚିହ୍ନଟ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି ହୋଇଛି। ସମସ୍ତ ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସେମାନଙ୍କୁ ଚିହ୍ନଟ କରି ରାସନ କାର୍ଡ ତାଲିକାରୁ ନାମ କାଟିବାକୁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି ହୋଇଛି।

## ମଧୁସୂଦନ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୪(ମହାଭାରତ): ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା, ଯିଏ ଓଡ଼ିଅ। ଜାତିର ଅସ୍ମିତା ଓ ସ୍ୱାଭିମାନକୁ ଜାଗ୍ରତ କରିଥିଲେ। ମଧୁବାବୁଙ୍କ ଦେହାବସାନ ପରେ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇ ତାଙ୍କର ସ୍ୱପ୍ନ ସାକାର ହୋଇଥିଲା। ୨୦୩୬ରେ ଗଠନ ହେବ ସମୃଦ୍ଧ ଓଡ଼ିଶା ସେତେବେଳେ ମଧୁବାବୁଙ୍କ ଆଉ ଏକ ସ୍ୱପ୍ନ ସାକାର ହେବ ତାହାହିଁ ହେବ ଉତ୍କଳ ଗୌରବଙ୍କ ପ୍ରତି ଓଡ଼ିଅ। ଜାତିର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁ ଅସ୍ମିତା ପାଇଁ ଆଜି ଆମେ ଗୌରବ ଅନୁଭବ କରୁଛୁ ତାର ମୂଳ ଉଦ୍ୟୋକ୍ତା ହେଉଛନ୍ତି ମଧୁବାବୁ ସେ ଥିଲେ ସ୍ୱାଭିମାନୀ ପୁରୁଷ, ଓଡ଼ିଅ। ଜାତିର ଗର୍ବ ଓ ଗୌରବର ପ୍ରତୀକ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ମଧୁବାବୁ ଥିଲେ ସବୁ କ୍ଷେତ୍ରରେ ପ୍ରଥମ ସେ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ବିଦେଶ ପଢୁଆ ଓକିଲ, ପ୍ରଥମ ଓଡ଼ିଅ। ଶିଳ୍ପପତି... ଏମିତି ଅନେକ କ୍ଷେତ୍ରରେ ସେ ଥିଲେ ପ୍ରଥମ



ଓଡ଼ିଶାରେ ଏକ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଆ ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଏକାଧିକ ବାର ଲଣ୍ଡନ ଯାତ୍ରା କରି ବ୍ରିଟିଶ ସରକାରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ସଂସ୍କୃତି ସବୁ କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ଉତ୍କଳ ସମ୍ମିଳନୀ ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ଲାଟଫର୍ମ। ବର୍ତ୍ତମାନର ସରକାର ପୂଜ୍ୟପୂଜା ପରମ୍ପରାରେ ବିଶ୍ୱାସ କରନ୍ତି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବ ସରକାର କେବଳ ଲୋକ ଦେଖାଣିଆ କାମ କରୁଥିଲେ। ଆଜି ରାଜ୍ୟ ସରକାର ଉତ୍କଳ ଦିବସକୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରେ ପାଳନ କରି ପୂଜ୍ୟପୂଜା ପରମ୍ପରାକୁ ଏକ ନୂଆ। ସ୍ତରକୁ ଆଣିଛନ୍ତି। ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତାର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ କାମ ଆରମ୍ଭ ହୋଇଛି। ଜନ୍ମପୀଠର ବିକାଶ ପାଇଁ ୨୧ କୋଟିଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି।ସ୍ମୃତିପୀଠ ଓ ଜନ୍ମପୀଠର ବିକାଶ ପାଇଁ ଆହୁରି ଅଧିକ ଟଙ୍କା ବିନିଯୋଗ କରାଯିବ ଏଥିପାଇଁ ଆଉ ଥରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏହା ସହିତ ମଧୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ଉତ୍କଳ ଟ୍ୟାନେରୀକୁ ଏକ କୀର୍ତ୍ତିସ୍ତମ୍ଭ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଅନ୍ୟତମ ଅତିଥି ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର କହିଥିଲେ ଯେ ମଧୁବାବୁଙ୍କ ଜୀବନ ବୃତ୍ତାନ୍ତ ଏବଂ ଓଡିଶା ପାଇଁ ଅବଦାନ ଅବିସ୍ମରଣୀୟ ଓଡିଅ। ଜାତିର ଉତଥାନ ପାଇଁ ସେ ସର୍ବଦା ଲଢେଇ ଜାରି ରଖିଥିଲେ।

ସଭା ପରେ ଭୁବନେଶ୍ୱର ଲାବଣ୍ୟ ଥିଏଟର ପକ୍ଷରୁ ମଧୁବାବୁଙ୍କ ଅବଦାନ ସଂପର୍କିତ ନାଟକ ନିଶୀଥ ସୂର୍ଯ୍ୟ ପରିବେଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲ୍ଲି ସୋୟାବଡ଼ି

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନରେ ୪କପ୍ ପାଣି ଫୁଟାନ୍ତୁ । ପାଣିରେ ଗୋଟେ ବଡ କପ୍ ସୋୟାବିନକୁ ପକାଇ ଫୁଟିବାକୁ ଦିଅନ୍ତୁ । ସୋୟାବିନ ଫୁଟିଗଲେ ୧୦ମିନିଟ୍ ପରେ ଗରମ ପାଣି ଛାଣି ଦିଅନ୍ତୁ । ଏବେ ଏହି ସୋୟାରେର ଥଣ୍ଡା ପାଣି ଭର୍ତ୍ତି କରିଦିଅନ୍ତୁ । ଏବେ ଗୋଟେ ପାତ୍ରରେ ଦହି ଗୋଟେ ଚାମଚ, ଅଦା ରସୁଣ ପେଷ୍ଟ, ଗୋଲମରିଚ ଅଧ ଚାମଚ, ଲଙ୍କାଗୁଣ୍ଡ ଛୋଟ ଚାମଚ ଓ ଲୁଣ ସ୍ୱାଦ ଅନୁସାରେ ଦେଇ ଗୋଳାନ୍ତୁ । ଏବେ ଏଥିରେ ସୋୟାବଡି ପକାଇ ମିଶାଇ ଦିଅନ୍ତୁ । ଏଥିରେ ୪ଚାମଚ କର୍ଣ୍ଣଫ୍ଲୋର ପକାଇ ମ୍ୟାରିନେଟ୍ କରିଦିଅନ୍ତୁ । ଏବେ ଏହି ସୋୟାବଡିକୁ ତେଲରେ ଛାଣନ୍ତୁ। ସୋୟାବଡି ହାଲକା ବାଦାମୀ ରଙ୍ଗର ହୋଇଗଲେ ଏହାକୁ କାଢିଦିଅନ୍ତୁ । ଏବେ ଗୋଟିଏ ପ୍ୟାନ ବସାଇ ଏଥିରେ ଗୋଟେ ଚାମଚ ରିଫାଇନ ତେଲ ପକାନ୍ତୁ । ତେଲ ଗରମ ହୋଇଗଲେ ଏଥିରେ ଅଦା ଅଧ ଇଞ୍ଚକୁ କାଟି ପକାନ୍ତୁ,ଏବେ ଏଥିରେ କଞ୍ଚା ଲଙ୍କାକୁ କାଟି ପକାଇବେ । ଏବେ ଗୋଟେ ପିଆଜ, କ୍ୟାପସିକମ ପକାଇ ଭାଜି ଦେବେ । ଏବେ ଏଥିରେ ଦୁଇ ଚାମଚ ଟମାଟୋ ସସ୍, ଭିନେଗାର ଗୋଟେ ଚାମଚ, ସୋୟାସସ୍ ଗୋଟେ ଚାମଚ, ଚିଲ୍ଲି ସସ୍ ଗୋଟେ ଚାମଚ ,ଗୋଲମରିଚ ଅଧ ଚାମଚ,ଲୁଣ ସ୍ୱାଦ ଅନୁସାରେ ପକାଇ ମିଶାଇ ଦିଅନ୍ତୁ । ଏବେ ଗୋଟେ ଛୋଟ ପାତ୍ରରେ ଗୋଟେ ଚାମଚ କର୍ଣ୍ଣଫ୍ଲୋର ସହ ଦୁଇ ଚାମଚ ପାଣି ମିଶାଇ ଗୋଳାଇ ଦିଅନ୍ତୁ,ଏହି ପାଣିକୁ ପ୍ୟାନରେ ଢାଳନ୍ତୁ । ଏବେ ଏଥିରେ ସୋୟାବଡି ପକାଇ ମିଶାଇ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଚିଲ୍ଲି ସୋୟାବଡି ।



ପରଦା ଖବର

# ୯୦ ବର୍ଷରେ ପାଦ ଥାପିଲା ଓଡ଼ିଆ ସିନେମା



ଏପ୍ରିଲ ୨୮କୁ ଓଡ଼ିଆ ସିନେମା ଦିବସ ଭାବେ ଘୋଷଣା କରିବା ପାଇଁ ଦାବି କଲେ କଳାକାର । ଆଜି ୯୦ ତମ ଓଡ଼ିଆ ସିନେମା ଦିବସ ପାଳନ ଅବସରରେ ସ୍ଥାନୀୟ ପ୍ରେସ କ୍ଲବଠାରେ ଏକାଠି ହୋଇଥିଲେ ଓଡ଼ିଆ ସିନେମାର ବହୁ ନାମୀଦାମୀ କଳାକାର ,ନିର୍ଦ୍ଦେଶକ ଓ ପ୍ରଯୋଜକ। ଓଡ଼ିଶା ସରକାର ଆନୁଷ୍ଠାନିକ ଭାବେ ଏପ୍ରିଲ ୨୮ କୁ ଓଡ଼ିଆ ସିନେମା ଦିବସ ରୂପେ ଘୋଷଣା କରନ୍ତୁ ବୋଲି କଳାକାରଙ୍କ ସମେତ ନିର୍ଦ୍ଦେଶକ, ପ୍ରଯୋଜକ ଦାବି କରିଛନ୍ତି। ଏପ୍ରିଲ ୨୮ ,୧୯୩୬ ମସିହାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ମୁକ୍ତି ଲାଭ କରିଥିଲା । ସେହିଦିନକୁ ମନେପକେଇବା ପାଇଁ ଓ ମନେ ରଖିବା ପାଇଁ ଏପ୍ରିଲ ୨୮କୁ ଓଡ଼ିଆ ସିନେମା ଦିବସ ରୂପେ ମାନ୍ୟତା ପାଇବା ନେଇ ଦାବି ହେଉଛି ।

# ବିନା ଖର୍ଚ୍ଚରେ ନଖକୁ କିପରି କରିବେ ସୁନ୍ଦର



ନାରୀ ଓ ପୁରୁଷ ସଭିଏଁ ଚାହିଥାନ୍ତି ନଖକୁ ସୁନ୍ଦର ଆଉ ମଜବୁତ ରଖିବାକୁ । ଖାସ କରି ନାରୀ ମାନେ ନଖ ବିବା, ନଖ ମଜବୁତ ରହିବା, ନଖ ନ ମରିବା ପାଇଁ ବିଭିନ୍ନ ପ୍ରକାରର ପ୍ରକ୍ରିୟା କରିଥାନ୍ତି । ହେଲେ ଘରେ ରହି ଘରୋଇ ଜିନିଷ ବ୍ୟବହାର କରି ଏହି ସମସ୍ୟାର ଉପଚାର କରିପାରିବା । ସେଥିପାଇଁ ପ୍ରଥମେ ଅଧ କପ ପାଣିକୁ ଗରମ କରି ସେଥିରେ ଦୁଇ ଚାମଚ ସାମ୍ପୋ, ଦୁଇ ବୁନ୍ଦା ଲେମ୍ବୁ ରସ, ଖାଇବା ଲୁଣ ଅଳ୍ପ ମାତ୍ରରେ ପକାଇ ସେଥିରେ ହାତକୁ ବୁଡ଼ାଇ ୫ ରୁ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ରଖିବା । ପରେ ନଖକୁ ଭଲ ଭାବେ ମସାଜ କରି ହାତକୁ ଧୋଇଦେବେ । ଏହାଦ୍ୱାରା ହାତ ଓ ନଖ ସଫା ରହିଥାଏ । ପରେ ଗୋଟିଏ ଆତ ଫଳ ଭିତର ଧଳା ଅଂଶକୁ କାଢି ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ନଖରେ ସ୍କ୍ରବିଂ କରିବେ । ନଖକୁ ଭଲ ଭାବେ ଧୋଇ ଦେବେୟ ପରେ ଦୁଇ ଚାମଚ କଣ୍ଟା କ୍ଷୀରରେ ନଖକୁ ମସାଜ କରିବେ । ଏହାସହ ଗୋଟିଏ ଲେମ୍ବୁକୁ କାଟି ଦୁଇ ଫାଳ କରି ଲେମ୍ବୁ ଚେପାକୁ ନଖରେ ୫ ମିନିଟ୍ ସମୟ ପର୍ଯ୍ୟନ୍ତ ସ୍କ୍ରବ କଲେ । ଏହା ନଖ ସଫା ରଖିଥାଏୟ ଏବଂ ଏହି ସମସ୍ତ ପକ୍ରିୟାକୁ ପ୍ରତିଦିନ ଦୁଇ ଥର କରିବା ଜରୁରୀ । ଏହାଦ୍ୱାରା ନଖ ବିବା ସହ, ନଖ ଫାଟିବନି, ନଖ ମରିବା ଭଳି ସମସ୍ୟା ହେବ ନାହିଁ ।

# ବାସ୍ତୁ ଉପରେ ନିର୍ଭର କରେ ସମ୍ପର୍କର ମଧୁରତା



ବାସ୍ତୁ ଶାସ୍ତ୍ର ଅନୁଯାଇ ଭାଇ ଓ ଭଉଣୀଙ୍କ ମଧରେ ସମ୍ପର୍କର ନିବିଡତା ନିମନ୍ତେ ଦକ୍ଷିଣ-ପଶ୍ଚିମ ଦିଗରୁ ଲାଲ୍ ଏବଂ ସବୁଜ ରଙ୍ଗ ବାହାର କରିଦିଅନ୍ତୁ । ହଳଦିଆ ରଙ୍ଗର ଫୁଲର ପାତ୍ର ବ୍ୟବହାର କରନ୍ତୁ । ପାତ୍ର ମଧ ହଳଦିଆ ରଙ୍ଗ ହୋଇଥିବା ଦରକାର । ଲଭ୍ ବାର୍ଡ ଛବି କିମ୍ୱା ମୂର୍ତୀ ଏହି ଦିଗରେ ସ୍ଥାପନ କରନ୍ତୁ । ଏହା ଫଳରେ ଭୁଲ୍ ବୁଝାମଣା ଓ ଅଶାନ୍ତି ଦୁରିଭୁତ ହୋଇଥାଏ । ଉତ୍ତର ଦିଗର ମୁଖ୍ୟ ଦ୍ୱାର ଯଦି ମହେନ୍ଦ୍ର ପଦରେ ଥାଏ ତେବେ ସମ୍ପର୍କରେ ନିବିଡ଼ତା ଆଣିଥାଏ । ଯଦି ଘରର ମୁଖ୍ୟଦ୍ୱାର ପଶ୍ଚିମ ଦିଗରେ ଥାଏ କିମ୍ୱା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଥାଏ ତେବେ ସମ୍ପର୍କରେ ହାନି ଘଟାଇଥାଏ । ସମ୍ପର୍କର ନିବିଡତା ପାଇଁ ଦକ୍ଷିଣ-ପଶ୍ଚିମ ଦିଗ ସର୍ବୋତ୍ତମ ଅଟେ । ଯଦି ବ୍ୟାଙ୍କ୍ ସହିତ କିମ୍ୱା ବ୍ୟବସାୟିକ ଭାଗିଦାରୀଙ୍କ ସହିତ ସମ୍ପର୍କ ଖରାପ ରହେ ତେବେ ଉତର-ପଶ୍ଚିମ ଦିଗକୁ ଠିକ୍ କରନ୍ତୁ । ଏହାର ସମାଧାନ ପାଇଁ ଠିକ୍ ରଙ୍ଗ ଏହି ଦିଗରେ ବ୍ୟବହାର କରନ୍ତୁ । ଉତ୍ତର ଦିଗ ଗ୍ରାହକ ସହିତ ସମ୍ପର୍କକୁ ବୁଝାଇଥାଏ । ଯଦି ଏହି ଦିଗରେ ଦୋଷ ଥାଏ ତେବେ ସମ୍ପର୍କରେ ନ୍ୟୂନତା ଆସିଥାଏ । ସରକାରଙ୍କ ସହିତ ସମ୍ପର୍କରେ ପ୍ରଗାଢ଼ତା ଆଣିବା ପାଇଁ ପୂର୍ବ ଦିଗରେ ଅଶୋକ ସ୍ତମ୍ଭ ଟେବୁଲ ଉପରେ ରଖନ୍ତୁ । ଏହି ଦିଗର ବାସ୍ତୁ ଦୋଷକୁ ଦୂରିଭୁତ କରିବା ପାଇଁ କଂସାର ସୂର୍ଯ୍ୟ ଲଗାନ୍ତୁ । ଦକ୍ଷିଣ-ପୂର୍ବ ଦିଗରେ ଲାଲ୍ ରଙ୍ଗର ଫୁଲ ଲାଲ୍ ରଙ୍ଗର ପାତ୍ରରେ ସ୍ଥାପନ କରନ୍ତୁ କିମ୍ୱା ଏହାର ଛବି ଲଗାନ୍ତୁ । ଏହା ଦ୍ୱାରା ପରିବାରର ସମସ୍ତ ସଦସ୍ୟଙ୍କ ଭିତରେ ସମ୍ପର୍କର ବୃଦ୍ଧି ହୋଇଥାଏ। ଉତ୍ତର-ପୂର୍ବ ଦିଗ ଠିକ୍ ନିଷ୍ପତି ନେଇଥାଏ ଏବଂ ସମ୍ପର୍କରେ ବୃଦ୍ଧି କରାଇଥାଏ । ଯଦି ଏହି ଦିଗରେ କୌଣସି ବାସ୍ତୁ ଦୋଷ ଥାଏ ତେବେ ତାହାକୁ ଦୂରିଭୁତ କରନ୍ତୁ । ଉତ୍ତର-ଉତ୍ତର-ପଶ୍ଚିମ ଦିଗରେ ଯଦି ବାସ୍ତୁଦୋଷ ଥାଏ ତେବେ ତାହାକୁ ଦୂରିଭୁତ କରନ୍ତୁ । ପତି- ପତ୍ନୀ ଭିତରେ ସମ୍ପର୍କକୁ ନିବିଡ଼ତା ଆଣିବା ପାଇଁ ବିବାହ ସମୟରେ ପତି ପତ୍ନୀଙ୍କର ଯେଉଁ ଫଟୋ ଥାଏ ତାକୁ ଏହି ଦିଗରେ ଲଗାନ୍ତୁ । ରାଧା ଓ କୃଷ୍ଣଙ୍କର ଫଟୋ ମଧ ଲଗାଇପାରିବେ । ତେଣୁ ସମ୍ପର୍କର ନିବିଡ଼ତା ପାଇଁ ଉତ୍ତର-ଉତ୍ତର-ପୂର୍ବ, ଦକ୍ଷିଣ-ପୂର୍ବ, ପୂର୍ବ-ଦକ୍ଷିଣ-ପୂର୍ବ, ପୂର୍ବ-ଉତ୍ତର-ପୂର୍ବ, ଦକ୍ଷିଣ, ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗକୁ ବାସ୍ତୁ ହିସାବରେ ଯଦି କୌଣସି ଦୋଷ ଥାଏ ତାହାକୁ ଦୂରିଭୁତ କରନ୍ତୁ ।

# ଶ୍ରୀକୃଷ୍ଣଙ୍କ ବଂଶୀବାଦନର ରହସ୍ୟ



ଭଗବାନ ଶ୍ରୀକୃଷ୍ଣଙ୍କୁ ନେଇ ଅନେକ ଆଖ୍ୟାନିକା ଶୁଣିବାକୁ ମିଳେ। ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ, କୃଷ୍ଣ କହ୍ନେଇଙ୍କର ବଂଶୀ କାହିଁକି ଏତେ ପ୍ରିୟ ? ଆଉ ଏହି ବଂଶୀ କେଉଁଠୁ ଆସିଥିଲା ? କୁହାଯାଏ ଯେ, ଶ୍ରୀକୃଷ୍ଣଙ୍କୁ କେବଳ ଦୁଇଟି ଜିନିଷ ସବୁବେଳେ ପସନ୍ଦ ଆସେ। ଗୋଟିଏ ହେଉଛି ବଂଶୀ ଏବଂ ଅନ୍ୟଟି ହେଉଛନ୍ତି ଶ୍ରୀରାଧା। ଉଭୟ ମଧ ପରସ୍ପର ସହ ସଂଶ୍ଲିଷ୍ଟ। ଯେବେ ବି ପ୍ରେମର ପ୍ରତୀକ ବିଷୟରେ ଉଦାହରଣ ଦିଆଯାଏ ତେବେ ରାଧା-କୃଷ୍ଣଙ୍କ ପ୍ରେମ ସମ୍ପର୍କ ପ୍ରଥମେ ଆସେ। ରାଧା-ଶ୍ରୀକୃଷ୍ଣଙ୍କ ପ୍ରେମକୁ ଜୀବାତ୍ମା ଓ ପରମାତ୍ମାର ମିଳନ ବୋଲି କୁହାଯାଏ। ଶ୍ରୀକୃଷ୍ଣଙ୍କର ଯେତେ ବି ଚିତ୍ର ଦେଖିବାକୁ ମିଳେ, ସେ ସବୁଥିରେ ବଂଶୀ ଧାରଣ କରିଥିବାର ଲକ୍ଷ୍ୟ କରାଯାଏ। ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ରାଧା ପ୍ରଥମ ଥର ପାଇଁ ସେତେବେଳେ ଅଲଗା ହୋଇଥିଲେ ଯେତେବେଳେ ମାମୁ କଂସ ବଳରାମ ଏବଂ ଶ୍ରୀକୃଷ୍ଣଙ୍କୁ ଆମନ୍ତ୍ରଣ କରିଥିଲେ। ବୃନ୍ଦାବନ ବାସିନ୍ଦା ଏହି ଖବର ଶୁଣି ଦୁଃଖିତ ହୋଇଥିଲେ। ମଥୁରା ଯିବା ପୂର୍ବରୁ ଶ୍ରୀକୃଷ୍ଣ ରାଧାଙ୍କ ସହ ଭେଟ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ମନରେ ଚାଲୁଥିବା ପ୍ରତ୍ୟେକଟି ଗତିବିଧିକୁ ରାଧା ଜାଣିଥିଲେ। ରାଧାଙ୍କୁ ବିଦାୟ ଦେଇ କୃଷ୍ଣ ତାଙ୍କ ଠାରୁ ଦୂରକୁ ଚାଲିଗଲେ। କୃଷ୍ଣ ରାଧାଙ୍କୁ ପୁଣି ଫେରିଆସିବାର ପ୍ରତିଶ୍ରୁତି ଦେଇ ଯାଇଥିଲେ ସତ କିନ୍ତୁ ଫେରିନଥିଲେ। କୃଷ୍ଣଙ୍କ ବିବାହ ମଧ୍ୟ ରୁକ୍ମିଣୀଙ୍କ ସହ ହୋଇଥିଲା। ରୁକ୍ମିଣୀ ମଧ୍ୟ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ଅନେକ ଯାତନା ସହ୍ୟ କରିଛନ୍ତି। ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ଏକ ପ୍ରେମ ପତ୍ର ଦେଇ ଯେ, ପ୍ରଭୁ ଆସି ତାଙ୍କୁ ସାଙ୍ଗରେ ନେଇଯାଆନ୍ତୁ। ଏହାପରେ କୃଷ୍ଣ ରୁକ୍ମିଣୀଙ୍କ ନିକଟକୁ ଯାଇ ତାଙ୍କୁ ବାହା ହୋଇଗଲେ। କୃଷ୍ଣ ବୃନ୍ଦାବନ ଛାଡ଼ିବା ପରେ ହିଁ ରାଧାଙ୍କ ବର୍ଣ୍ଣନା ବହୁତ କମିଗଲା। ଏହାପରେ କୃଷ୍ଣ ମଥୁରା ଗଲେ ଏବଂ କଂସ ତଥା ବାକି ରାକ୍ଷସଗଣଙ୍କୁ ମାରିଥିଲେ। ଏହାପରେ ପ୍ରଜାଙ୍କ ରକ୍ଷା ପାଇଁ କୃଷ୍ଣ ଦ୍ୱାରିକା ଯାଇ ଦ୍ୱାରକାଧୀଶ ଭାବେ ଲୋକପ୍ରିୟ ହୋଇଗଲେ। ଯେତେବେଳେ କୃଷ୍ଣ ବୃନ୍ଦାବନରୁ ବାହାରିଗଲେ ରାଧାଙ୍କ ଜୀବନର ମୋଡ଼ ବଦଳିଗଲା। କୁହାଯାଏ ଯେ, ରାଧାଙ୍କ ବିବାହ ଜଣେ ଯାଦବଙ୍କ ସହ ସମ୍ପନ୍ନ ହେଲା। ବିବାହ ପରେ ସବୁକିଛି କର୍ତ୍ତବ୍ୟରୁ ମୁକ୍ତ ହେବା ପରେ ଶେଷ ଥର ପାଇଁ ପ୍ରିୟତମ କୃଷ୍ଣଙ୍କୁ ଭେଟିବାକୁ ଯାଇଥିଲେ। ଯେତେବେଳେ ସେ ଦ୍ୱାରିକା ପହଞ୍ଚିଲେ ରୁକ୍ମିଣୀ ଓ ସତ୍ୟଭାମାଙ୍କ ସହ ବିବାହ ବିଷୟରେ ଶୁଣାଇଲେ ମଧ୍ୟ ସେ ଦୁଃଖି ହେଲେ ନାହିଁ। କୃଷ୍ଣଙ୍କ ନଅରରେ ସେ ଜଣେ ଦେବିକା ଭାବେ ନିଯୁକ୍ତ ପାଇଲେ। ସମୟ କ୍ରମେ ରାଧା ନଅର ଛାଡ଼ି ଅନ୍ୟତ୍ର ଯିବାକୁ ମନସ୍ଥ କଲେ। କୃଷ୍ଣ ରାଧାଙ୍କୁ କିଛି ମାଗିବାକୁ ଅନୁରୋଧ କରିଥିଲେ ମାତ୍ର ରାଧା ମନା କରିଦେଇଥିଲେ। କୃଷ୍ଣଙ୍କ ଦ୍ୱିତୀୟ ବାର ଅନୁରୋଧ ଯୋଗୁ ରାଧା ଇଚ୍ଛା କଲେ ଶେଷ ଥର ପାଇଁ ସେ ବଂଶୀ ବଜାଉଥିବାର ଦେଖିବାକୁ ଚାହାନ୍ତି ବୋଲି କହିଲେ। ଶ୍ରୀକୃଷ୍ଣ ବଂଶୀ ଆଣି ମଧୁର ସ୍ୱରରେ ବଜାଇଥିଲେ। ବଂଶୀ ସ୍ୱର ଶୁଣି ଶୁଣି ରାଧା ନିଜ ଶରୀର ତ୍ୟାଗ କରିଦେଇଥିଲେ। ଏଥିରେ ମ୍ରିୟମାଣ ହୋଇ ଶ୍ରୀକୃଷ୍ଣ ବଂଶୀକୁ ଏକ ଘଞ୍ଚ ଜଙ୍ଗଲରେ ଫିଙ୍ଗିଦେଲେ। ଏହା ପର ଠାରୁ ହିଁ ପ୍ରଭୁ ଶ୍ରୀକୃଷ୍ଣ ସାରା ଜୀବନ ବଂଶୀ କିମ୍ବା ଅନ୍ୟାନ୍ୟ ବାଦକ ଯନ୍ତ୍ର ବଜାଇ ନଥିଲେ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଧରାପୃଷ୍ଠରେ ଜନ୍ମ ନେଇଥିଲେ। ସେହି ସମୟରେ ଦେବୀ-ଦେବତା ଗଣ ବେଶ ବଦଳାଇ ସମୟ ସମୟରେ ପ୍ରଭୁଙ୍କୁ ସାକ୍ଷାତ କରିବାକୁ ଆସିଥାଆନ୍ତି। ଏକଦା ଭଗବାନ ଶିବ ଶ୍ରୀକୃଷ୍ଣଙ୍କୁ ଦେଖା କରିବାକୁ ଆସିଥିଲେ। ଏହି ସମୟରେ ସେ ପ୍ରଭୁଙ୍କ ପାଇଁ ଉପହାର ସ୍ୱରୂପ କିଛି ଦେବାକୁ ମନସ୍ଥ କଲେ। ତେଣୁ ମହାଦେବ ଋଷି ଦଧୀଚିଙ୍କ ଶରୀରର ହାଡ଼ରୁ ଏକ ବଂଶୀ ତିଆରି କରି ଉପହାର ଭାବେ ଶ୍ରୀକୃଷ୍ଣଙ୍କୁ ଦେଇଥିଲେ। ସେବେଠାରୁ ପ୍ରଭୁଙ୍କ ହାତରେ ସବୁବେଳେ ବଂଶୀ ରହିଥିଲା।

# ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି ପାଇଁ କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ



ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ। ଜାଣନ୍ତୁ..

- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା , ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁ। ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର , ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏ। ସୋମବାର , ଗୁରୁବାର ପୂର୍ବ , ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ବୁଧବାର , ଶନିବାର ପୂର୍ବ , ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ। ବୁଧବାର ଉତ୍ତର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡ୍ଡୁ ଖାଇ ଯାଆନ୍ତୁ।
- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ। ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।
- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।
- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।

# ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ କରିବ କଂଗ୍ରେସ

**ଭୁବନେଶ୍ୱର, ୨୮।୪ (ମହାଭାରତ):** ରାଜ୍ୟରେ ହୁହୁ ହୋଇ ବଢ଼ୁଥିବା ନାରୀ ନିର୍ଯାତନାକୁ ନେଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି।



ନାରୀ ନିର୍ଯାତନା ପାଇଁ ଗଠିତ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆଜି ମଧ୍ୟରେ ଶତାଧିକ ନାବାଳିକା ମାତୃତ୍ୱ ଲାଭକରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣଘଟଣାରେ ପରିଣତ ହୋଇଅଛି। ମୋହନ ମାଝୀଙ୍କ ୧୦ ମାସର ସରକାରରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଅଛି। ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ହେଉ କିମ୍ବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁକନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ ଏହା ମୋହନ ମାଝୀ ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଅଛି। ଗତ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦିତ୍ୱୀୟ ଦିନ ୨୩ ଫେବୃଆରୀରେ ଜନୈକ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ହେଉ ଏହା ସରକାରଙ୍କର ଆଇନ କାନୁନ ରକ୍ଷା କରିବାରେ ବିଫଳତାକୁ ପ୍ରମାଣିତ କରୁଅଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଗତ ୮ ମାର୍ଚ୍ଚରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ଶିକ୍ଷକଙ୍କର ଦୁର୍ବ୍ୟବହାରରେ ମାନସିକ ଆଘାତ ପାଇ ଆତ୍ମହତ୍ୟା କରିବା ଘଟଣା ହେଉ ଏହା ପ୍ରମାଣିତ କରୁଅଛି ଯେ ଓଡ଼ିଶାର ଦକ୍ଷିଣ ପ୍ରାନ୍ତରୁ ଉପକୂଳ ପ୍ରାନ୍ତ ନେଇ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ମହିଳା ଓ ନାବାଳିକା ମାନେ ସୁରକ୍ଷିତ ନୁହନ୍ତି। ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସନେତା ଦେବାଶିଷ ନାୟକ, ଅନିମା ମିଞ୍ଜ, ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ଟ୍ରିଟମେଣ୍ଟ ପ୍ଲାଣ୍ଟ ବୁଲିଲେ ଆନ୍ଧ୍ର ପ୍ରତିନିଧି

**ଭୁବନେଶ୍ୱର, ୨୮।୪ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ବୁଲି ଦେଖିଲେ ଆନ୍ଧ୍ରପ୍ରଦେଶର ଡକ୍ଟର ଭୀମରାଓ ଆମ୍ବେଦକର କୋନାସୀମା ଜିଲ୍ଲା ଅନ୍ତର୍ଗତ ଅମଲାପୁରମ୍ ମ୍ୟୁନିସପାଲିଟି କମିଶନର ଓ ତାଙ୍କ ଟିମ୍। ଏହି ଟିମରେ ଅମଲାପୁରମ୍ ମ୍ୟୁନିସପାଲିଟିର କମିଶନର ଶ କେଭିଆରଆର୍ ରାଜୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଡାଗଗୁମାଲ୍ଲା ଶାନ୍ତାଲକ୍ଷ୍ମୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଇଂଜିନିୟର ଏମବିଏସ୍ ଶଙ୍କର ରାଓ ଓ ଜିଲ୍ଲା ଶିଳ୍ପ ଅଧିକାରୀ ପିକେପି ପ୍ରସାଦ ପ୍ରମୁଖ ଆସିଥିଲେ। ଏହି ଟିମ୍ କଠିନ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ପ୍ରକ୍ରିୟାକରଣ, ଉପକାରିତା, ଅପକାରିତା, ଖର୍ଚ୍ଚ ଆଦି ସଂପର୍କରେ ବିଭିନ୍ନ କଥା ପଚାରି ବୁଝିଥିଲେ। ବିଏମ୍‌ସି ପକ୍ଷରୁ ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଚାଳନା କରୁଥିବା ଇଂଜିନିୟର ସେମାନଙ୍କୁ ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ବିଏମ୍‌ସି ଗସ୍ତରେ ଆସିଥିବା ଏହି ଟିମକୁ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ସହ ବିଭିନ୍ନ ଏମସିସି ଓ ଏମଆରଏଫ୍ ସେଣ୍ଟର ବୁଲି ଦେଖିଥିଲେ। ଏହି ସଲିଡ ୱେଷ୍ଟ ପ୍ଲାଜମା ଟେକ୍ନୋଲୋଜି ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ବର୍ଜ୍ୟ ସଂଗ୍ରହ ପଦ୍ଧତି ସଂପର୍କରେ ତଥ୍ୟକୁ ଅମଲାପୁରମ୍ ମ୍ୟୁନିସପାଲିଟିରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେଥିପାଇଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଡକ୍ଟର ବିଆର ଆମ୍ବେଦକର କୋନାସୀମା ଜିଲ୍ଲା ପ୍ରଶାସନ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଏକ୍ସପୋଜର ଭିଜିଟରେ ପଠାଇଛନ୍ତି ବୋଲି ସେମାନେ କହିଛନ୍ତି।



# ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ୨୮।୪ (ମହାଭାରତ):** ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ମାତ୍ରେ ରାଜ୍ୟରେ ରକ୍ତର ଅଭାବ ଦେଖା ଗଲାଣି। ବିଭିନ୍ନ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଯୋଗୁଁ ଅନେକ ଲୋକ ହନ୍ତସନ୍ତ ହେଉଛନ୍ତି। ଏହି ପରି ସମୟରେ ଓଡ଼ିଶା ରକ୍ତଦାତା ମହାସଂଘ ଆଗେଇ ଆସିଛି ରକ୍ତଦାନ ଶିବିର ଆୟୋଜନ କରି କିଛିକାଂଶରେ ଲାଘବ କରିବା ପାଇଁ। ଏ ଦିଗରେ ସାହାଯ୍ୟର ହାତ ବଢ଼େଇଛନ୍ତି ୱିପ୍ରର କର୍ମକର୍ତ୍ତା ମାନେ। ଏକ ରକ୍ତଦାନ ଶିବିର ନିଜ କାର୍ଯ୍ୟାଳୟରେ ଆୟୋଜନ କରିଛନ୍ତି। ଯୋଉଁଠି ସମସ୍ତ ବର୍ଗର କର୍ମଚାରୀମାନେ ଉତ୍ସାହର ସହିତ ଯୋଗଦାନ କରିଥିଲେ। ଏହି ଶିବିରରୁ ୫୭ଟି ୟୁନିଟ ସଂଗ୍ରହ କରାଯାଇଥିଲା। ଶିବିରରେ ୱିପ୍ର ତରଫରୁ ମନ୍ମଥ ସାହୁ ରକ୍ତ ଦାନ କରିବା ସହିତ ଶିବିରକୁ ସୁନ୍ଦର ରୂପରେ ପରିଚାଳନା କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର ସମ୍ପାଦକ ତ୍ରିଲୋଚନ ଦାଶ ସମସ୍ତ ବ୍ୟବସ୍ଥାକୁ ସଞ୍ଚାଳନ କରିବା ସହିତ ଆଗାମୀ ଦିନରେ ସାରା ରାଜ୍ୟ ଏହି ଭଳି ଶିବିର ଆୟୋଜନ କରିବା ପାଇଁ କହିଥିଲେ। ଶେଷରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ବହୁମୂଲ୍ୟ ରକ୍ତଦାନ ପାଇଁ ଧନ୍ୟବାଦ ଜଣାଇ ଥିଲେ। ଆଗାମୀ ଦିନରେ ବିଭିନ୍ନ ଅନୁଷ୍ଠାନ ଗୁଡିକରେ ରକ୍ତଦାନ ଶିବିର ଆୟୋଜନକୁ ନେଇ ଯୋଜନ କରାଯାଉଥିବା ଶ୍ରୀ ଦାସ ପ୍ରକାଶ କରିଛନ୍ତି।



# ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୮।୪ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ ନବ ଗଠିତ ରାଜନୈତିକ ବ୍ୟାପାର କମିଟିର ପ୍ରଥମ ବୈଠକ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାର ଥିଲା କିନ୍ତୁ ଜମ୍ମୁ କାଶ୍ମୀରର ପହଲଗାମରେ ଗତକାଲି ଆତଙ୍କବାଦୀ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ ଆଜି କେବଳ ଶୋକ ପ୍ରସ୍ତାବ ଆଗତ କରାଯାଇ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଉକ୍ତ ଶୋକପ୍ରସ୍ତାବକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆଗତ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏହାକୁ ସମର୍ଥନ କରିଥିଲେ। ଗତକାଲି ଜାମ୍ମୁ-କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ଯେଉଁଭଳି ଭାବରେ ନିରୀହ ପର୍ଯ୍ୟଟକମାନଙ୍କୁ ବର୍ବୋରଚିତ ହତ୍ୟା କରାଗଲା ତାହା ଦୁର୍ଭାଗ୍ୟଜନକ। ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ ଦେଶର ସୁରକ୍ଷାପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତ ପକ୍ଷରୁ ଏହାର କଡା ଜବାବ ଦେବା ନିହାତି ଆବଶ୍ୟକ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ଅକାଳରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ।

# ପଶ୍ଚିମ ଓଡିଶା ରେଳ ଭିତ୍ତିଭୂମିର ସମୀକ୍ଷା କଲେ ରେଳପଥ ମହାପ୍ରବନ୍ଧକ

**ଭୁବନେଶ୍ୱର, ୨୮।୪ (ମହାଭାରତ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପଶ୍ଚିମ ଓଡିଶା ଅଞ୍ଚଳର ସମ୍ବଲପୁର-ଝାରସୁଗୁଡା ରେଳ ସେକ୍ସନରେ ଚାଲୁରହିଥିବା ରେଳ ଭିତ୍ତିଭୂମି ପ୍ରକଳ୍ପ ଓ ଟ୍ରାଫିକ୍ ସୁବିଧା ଉନ୍ନତି କାର୍ଯ୍ୟର ବ୍ୟାପକ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣରେ ଝାରସୁଗୁଡା ରୋଡ଼, ବୃନ୍ଦାମାଲ, ଲପଙ୍ଗା ଓ ସରଲା ଷ୍ଟେସନକୁ ଯୋଗ କରାଯାଇଛି ଏବଂ ଏହା ସହିତ ଏହି ଅଞ୍ଚଳର ଶିଳ୍ପ ବିକାଶକୁ ସମର୍ଥନ କରୁଥିବା ରେଲୱେ ସାଇଡିଂ ଓ ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଛି। ଶ୍ରୀ ଫୁଙ୍କୱାଲଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିବା ପ୍ରମୁଖ ପ୍ରକଳ୍ପଗୁଡିକରେ ରହିଛି ଲପଙ୍ଗାରେ ଥିବା ବିପିଏସଏଲ ସାଇଡିଂ, ଝାରସୁଗୁଡା ରୋଡ ଷ୍ଟେସନ, ବୃନ୍ଦାମାଲ-ଝାରସୁଗୁଡା ଫ୍ଲାଇଓଭର, ବୃନ୍ଦାମାଲର ଏମଏଭିବି ସାଇଡିଂ ଓ ୟାର୍ଡ ଓ ସାରଲା ଫ୍ରେଟ୍ ଟ୍ରେନ ପରୀକ୍ଷଣ ଡିପୋ। ଶ୍ରୀ ଫୁଙ୍କୱାଲ ମଧ୍ୟ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ସୁବାଶ ସି. ଚୌଧୁରୀ ଓ ରେଳପଥର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହଯୋଗରେ ଟ୍ରାଫିକ୍ ସୁବିଧା, ରେଲୱେ ଭିତ୍ତିଭୂମି ଓ ଟ୍ରେନ ପରିଚାଳନା ସମ୍ପର୍କିତ ଉନ୍ନତି ବିଷୟରେ ସମୀକ୍ଷା କରିଛନ୍ତି। ସରଲା ଷ୍ଟେସନରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ପଣ୍ୟବାହୀ ଟ୍ରେନ ପରୀକ୍ଷଣ ଓ ରୁଟିନ ଓଭର ହୋଲିଙ୍ଗ ସୁବିଧା ନିରୀକ୍ଷଣ କରିବା ଏହି ଗସ୍ତର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଥିଲା। ଏହି ଟ୍ରେନ ପରୀକ୍ଷଣ ଓ ରୁଟିନ ଓଭରହୋଲିଙ୍ଗ ସୁବିଧା ପ୍ରତିମାସରେ ୯୦ରୁ ୧୦୦ଟି ଟ୍ରେନ୍ ଏଗଜାମିନେସନ ଓ ୧୦୦ଟି ରେକ୍ ରୁଟିନ ଓଭରହୋଲିଙ୍ଗ ସମ୍ପାଦନ କରିପାରିବ ଯାହା ଟ୍ରେନ ପରିଚାଳନା କ୍ଷମତାକୁ ବୃଦ୍ଧି କରିବ। ଏହି ସୁବିଧା ଇସ୍ପାତ, ଆଲୁମିନିୟମ ଓ କୋଇଲା ଅଭିମୁଖୀ ଶିଳ୍ପକୁ ସମର୍ଥନ କରି ବ୍ୟାପକ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି କରାଇବା ସହ ଚାକିରୀ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମହାପ୍ରବନ୍ଧକ ମଧ୍ୟ ଶିଳ୍ପ ବ୍ୟବସ୍ଥାପନାରେ ନିକଟ ମିଳିତ କାର୍ଯ୍ୟସୂଚୀ ଓ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ ଦେଇଥିଲା ବେଳେ ରେଲୱେର କାର୍ଯ୍ୟକୁଷଳତା ବୃଦ୍ଧି ଓ ଜାତୀୟ ଅର୍ଥନୀତିକୁ ଲାଭ ଦେଇପାରିବ ବୋଲି ଆଶା କରାଯାଉଛି। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଷ୍ଟେସନ ଓ ୟାର୍ଡ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବା ସହିତ ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ।



# ଏକାମ୍ର ନିର୍ବାଚନ ମଣ୍ଡଳୀରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୮।୪ (ମହାଭାରତ):** ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେପି କାର୍ଯ୍ୟାଳୟ ରେ ପଞ୍ଚାୟତ ରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍'ର ୧୨୧ତମ ସଂସ୍କରଣ ଶୁଣିଥିଲେ।



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ମନ କି ବାତ" କାର୍ଯ୍ୟକ୍ରମର ୧୨୧ ତମ ସଂସ୍କରଣରେ ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ସମଗ୍ର ଦେଶବାସୀଙ୍କୁ ଦୁଃଖ ଦେଇଛି। ଆତଙ୍କବାଦୀଙ୍କ ବିରୋଧରେ ସାରା ଦେଶ ଏକାଠି ହୋଇଛି। ଉଭୟ ଆକ୍ରମଣକାରୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ପଞ୍ଚାୟତ ରାଜ ଓ ପାନୀୟ ଜଳ ଏଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନ୍ କି ବାତ୍ କେବଳ ଏକ ସଂଳାପ ନୁହେଁ, ଏହା ଏକ ଜନ ଆନ୍ଦୋଳନ। ଯାହା ଦେଶବାସୀଙ୍କ ଭାବନା, ସ୍ୱପ୍ନ ଓ ସଂକଳ୍ପକୁ ଦିଗଦର୍ଶନ ଦିଏ ଏବଂ ଆମ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ନିରନ୍ତର ପ୍ରେରଣା ଯୋଗାଏ ବୋଲି ବିଧାୟକ ବାବୁ ସିଂ କହିଛନ୍ତି। ଏହି ଅବସରରେ କର୍ପୋରେଟର ମଧୁସ୍ମିତା ପ୍ରଧାନ, ରାମ ଚନ୍ଦ୍ର ରଣସିଂହ, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ ନିରୁପମା ସାହୁ, ମଣ୍ଡଳ ସଭାପତି ପ୍ରଶାନ୍ତ ପ୍ରଧାନ, ସୁପ୍ରିୟକାନ୍ତ ସାହୁ, ମନୋଜ ପାତ୍ର, ସ୍ଥାନୀୟ ନେତୃତ୍ୱ ତାପସ ଦଳାଇ, ସୁଭାଷିନୀ ପୃଷ୍ଟି, ଧିରେନ ପାତ୍ର, ସୁରେନ୍ଦ୍ର ପ୍ରଧାନ , ସୁମିତ୍ରା ଆଚାର୍ଯ୍ୟ, ବିନ୍ଦୁଲତା ବଳିୟାରସିଂ, କେଦାର ରଣସିଂ, ସବିତା ପଟ୍ଟନାୟକ ଙ୍କ ସମେତ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଜବର ଦଖଲରେ ସରକାରୀ କ୍ୱାର୍ଟର

**ଭୁବନେଶ୍ୱର, ୨୮।୪ (ମହାଭାରତ):** ରାଜ୍ୟ ସରକାରଙ୍କ ଛାତି ଉପରେ କହିଲେ ସଚିବାଳୟ ସମ୍ମୁଖରେ ରହିଥିବା ୟୁନିଟ୍-୨ର ସରକାରୀ କ୍ୱାଟର ଗୁଡିକ ଖାଲି ପଡ଼ିଥିବା ଯୋଗୁଁ ବର୍ତ୍ତମାନ ସେଗୁଡ଼ିକ ଅସାମାଜିକ ଲୋକଙ୍କର ଆଡ୍ଡାସ୍ଥଳି ପାଲଟିଛି। ପୂର୍ବତନ ସରକାର ଏହି କ୍ୱାର୍ଟର ଗୁଡିକୁ ଭାଙ୍ଗି କର୍ପୋରେଟ୍ ହାଉସ ମାନଙ୍କୁ ରାଜଧାନୀର ମୂଲ୍ୟବାନ ଜାଗାକୁ ସାଗ ମାଛ ଦରରେ ଟେକି ଦେବା ପାଇଁ ଚକ୍ରାନ୍ତ କରିଥିଲେ, କିନ୍ତୁ ତତ୍‌କାଳୀନ ବିଜେଡି ସରକାରଙ୍କର ସେହି ଚକ୍ରାନ୍ତ ସଫଳ ହେବା ପୂର୍ବରୁ ସରକାର କ୍ଷମତାଚ୍ୟୁତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏବଂ ସରକାରୀ କର୍ମଚାରୀ ମାନଙ୍କ ମଧ୍ୟରେ ଆଶ୍ୱସ୍ତୀ ଦେଖାଯାଇଥିଲା। କିନ୍ତୁ ପୂର୍ବ ସରକାରଙ୍କ ଭୟରେ ସେତେବେଳେ ଏହି ସରକାରୀ କ୍ୱାର୍ଟର ଗୁଡିକ ଯେଉଁ ମାନଙ୍କ ନାମରେ ଆଲଟମେଣ୍ଟ ହୋଇଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୟରେ ଅନ୍ୟତ୍ର ପଳାଇ ଯାଇଥିଲେ। ଯାହା ଫଳରେ ରାଜମହଲ ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ମଧ୍ୟରେ ବହୁ ଘର ଖାଲି ପଡ଼ିଥିଲା। ଆଶା କରାଯାଉଥିଲା ରାଜ୍ୟରେ ନୂତନ ସରକାର ଆସିବା ପରେ ସେହି ଘର ଗୁଡ଼ିକୁ ସରକାରୀ କର୍ମଚାରୀ ମାନଙ୍କୁ ଆଲଟମେଣ୍ଟ କରି ଏହି ସ୍ଥାନକୁ କର୍ପୋରେଟ ହାଉସ ମାନଙ୍କ କବଳରୁ ରକ୍ଷା କରିବେ ଏବଂ ଚଣ୍ଡିଗଡ ଢ଼ାଞ୍ଚାରେ ନିର୍ମିତ ହୋଇଥିବା ଭୁବନେଶ୍ୱର ସହର ସୌନ୍ଦର୍ଯ୍ୟ ବୃଦ୍ଧିରେ ନୂତନ ସରକାର ସହାୟକ ହେବେ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ, ଖାଲି ପଡ଼ିଥିବା ଏହି ସୁନ୍ଦର ସରକାରୀ କ୍ୱାର୍ଟର ଗୁଡ଼ିକ କର୍ମଚାରୀ ମାନଙ୍କୁ ଆଲଟମେଣ୍ଟ ନ ହୋଇ ଖାଲି ପଡ଼ିବା ଫଳରେ ସେହି ସବୁ କ୍ୱାର୍ଟରରେ ପଡ଼ିଥିବା ତାଲାକୁ ଭାଙ୍ଗି ବହୁ ଅସାମାଜିକ ଲୋକ ଜବରଦଖଲ କରି ନେଲେଣି। ଏପରିକି ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରୁଥିବା ବହୁ ଅଣ ଓଡ଼ିଆ ବ୍ୟବସାୟୀ, ଫୁଟ୍‌ପାଥ ବ୍ୟବସାୟୀ ଏହି କ୍ୱାର୍ଟର ଗୁଡିକୁ ଅକ୍ତିଆର କରି ସେଠାରେ ନାନା ପ୍ରକାର ବେଆଇନ କାର୍ଯ୍ୟ ଚଳାଇଥିଲେ ମଧ୍ୟ ତାହା ସରକାଙ୍କ ଦୃଷ୍ଟିକୁ ଆସୁନାହିଁ।

ଏହି କ୍ୱାର୍ଟର ଗୁଡିକ ପୂର୍ତ୍ତ ବିଭାଗ ଅଧିନରେ ଥିବା ଭୁବନେଶ୍ୱର ମେଣ୍ଟେନାନ୍ସ ଡିଭିଜନ ନଂ-୧ ଅଧିନରେ ରହିଛି। ଏହି ଡିଭିଜନ ଓ ସବ୍‌ଡିଭିଜନ ପକ୍ଷରୁ କ୍ୱାର୍ଟର ଗୁଡିକ ବ୍ୟବସାୟୀ ଏବଂ ଅସାମାଜିକ ଲୋକଙ୍କର ଆଡ୍ଡାସ୍ଥଳୀ ହୋଇ ପଡ଼ିଲାଣି। ତୁରନ୍ତ ଏହି ଘରକୁ ପୁନରୁଦ୍ଧାର କରାଯାଇ ଆଲଟମେଣ୍ଟ କରାଯାଉ ବୋଲି ସାଧାରଣ ପ୍ରଶାସନ ବିଭାଗକୁ ଲେଖାଯାଇଥିଲେ ମଧ୍ୟ ସାଧାରଣ ପ୍ରଶାସନ ବିଭାଗ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉନାହାଁନ୍ତି। ଯାହା ଫଳରେ ଦିନକୁ ଦିନ ଏହି ଅଞ୍ଚଳ ଗୁଡିକ ବସ୍ତି ଓ ଅସାମାଜିକ ଲୋକମାନଙ୍କର ଆଡ୍ଡାସ୍ଥଳୀ ପାଲଟିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏପରିକି କିଛି ଅସାମାଜିକ ଓ ଗୁଣ୍ଡାଶ୍ରେଣୀର ଲୋକ ଏକାଧିକ କ୍ୱାର୍ଟର ଗୁଡିକୁ ଜବରଦଖଲ କରି ସେଠାରେ ବ୍ୟବସାୟ କରୁଥିଲେ ମଧ୍ୟ ତାହା ପୂର୍ତ୍ତ ବିଭାଗ କିମ୍ବା ପୂର୍ତ୍ତ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆସୁନାହିଁ। ତୁରନ୍ତ ପୂର୍ତ୍ତମନ୍ତ୍ରୀ, ପୂର୍ତ୍ତ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେଲେ ଏହି ଅସାମାଜିକ ଲୋକମାନଙ୍କ କବଳରୁ କ୍ୱାର୍ଟର ଗୁଡିକ ଉଦ୍ଧାର ହୋଇ ପାରିବ ନାହିଁ ଏବଂ ଅନ୍ୟ ପକ୍ଷରେ ବହୁ ସ୍ଥାନରେ ଖାଲି ପଡ଼ିଥିବା ଘରୁ କବାଟ, ଝରକା ଓ ଅନ୍ୟାନ୍ୟ ଜିନିଷପତ୍ର ଚୋରି ହୋଇ ଯାଉଥିବା ଲକ୍ଷ୍ୟ କରାଯାଉଛି। କିଛି କ୍ୱାର୍ଟର କବାଡିବାଲାଙ୍କ ଦ୍ୱାରା ମଧ୍ୟ ଦଖଲ ହୋଇଛି। ରାଜଧାନୀର ଛାତି ଉପରେ ଏଭଳି ଘଟଣା କିପରି ରାଜ୍ୟ ସରକାର ଏବଂ ଜଣେ ବିଭାଗୀୟ ଦକ୍ଷ ପୂର୍ତ୍ତମନ୍ତ୍ରୀଙ୍କ ନଜରକୁ ଆସୁନାହିଁ କିମ୍ବା ସେ ଦିଗରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହା ସାଧାରଣରେ ଆଲୋଚନା ହେଉଛି।

ବହୁ ସରକାରୀ ଚାକିରିଆ, ଅଫିସର, ବିଧାୟକ ମାନେ ଏବେ ବି କ୍ୱାର୍ଟର ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ଦଉଡୁଛନ୍ତି ଅଥଚ ସେମାନଙ୍କୁ ଘରଟିଏ ମିଳି ପାରୁ ନାହିଁ। କିନ୍ତୁ ରାଜଧାନୀର ଛାତି ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ୟୁନିଟ୍-୨ରେ ଶହ ଶହ କ୍ୱାର୍ଟର ଖାଲି ପଡ଼ି ଆଖଡ଼ାଶାଳା ପାଲଟିଥିବା ବେଳେ ଏ ଦିଗରେ କାହାରି ଦୃଷ୍ଟି ପଡୁ ନାହିଁ।

# ଜୟ ଓଡ଼ିଶାର ରକ୍ତଦାନ ଅଭିଯାନ

**ଭୁବନେଶ୍ୱର, ୨୮।୪ (ମହାଭାରତ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଓଡ଼ିଶାର ନୂତନ ଅଭିଯାନ 'ରକ୍ତଦାନଃ ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନ ମାନଙ୍କ ସହିତ ମିଳିତ ଭାବରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିପାଇଁ ଏହା ୧୦୦ ଗୋଟି ଅନୁଷ୍ଠାନକୁ ଚିହ୍ନଟ କରିଛି। ଯେଉଁମାନଙ୍କ ସହିତ ଆଗାମୀ ଦିନରେ ରକ୍ତଦାନ ଶିବିର ଆୟୋଜନ କରିବ। ଆଜି ରକ୍ତଦାନ ଅଭିଯାନର ପ୍ରଥମ ରକ୍ତଦାନ ଶିବିର 'ମୁଦ୍ରାୟନ୍ ଫାଉଣ୍ଡେସନ୍' ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା। ମୁଦ୍ରାୟନ୍ ଫାଉଣ୍ଡେସନର ପ୍ରତିଷ୍ଠାତା ଶ୍ରୀମତୀ ଲୋପାମୁଦ୍ରା ସାହୁ, ଯିଏକି ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ କାମ କରିଆସୁଛନ୍ତି। ମୁଦ୍ରା ଫାଉଣ୍ଡେସନ୍ ସମାଜସେବାର ଦୃଢ଼ ପ୍ରତିଶ୍ରୁତିକୁ ପୁନର୍ବାର ସାକାର କରିବାକୁ ଚେଷ୍ଟା କରି, ଏକ ରକ୍ତଦାନ ଶିବିରର ଆୟୋଜନ କରିଛି। ଏହି ଶିବିରର ଆୟୋଜନ ଗ୍ୟାଲକ୍ସି ଫିଟଜୋନ୍, ଝାରପଡ଼ା ନିକଟରେ ଅତ୍ୟଧିକ ସୁବିଧାସମ୍ପନ୍ନ ପରିସରରେ ସକାଳ ୭ଟାଠାରୁ ଶିବିର ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଏହି ରକ୍ତଦାନ ଶିବିରରେ ଜିମ୍ ଯାଉଥିବା ଓ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଥିବା ଲୋକମାନେ ଆଜି ରକ୍ତଦାନ କରିଥିଲେ। ଯଦିଓ ରକ୍ତଦାନ ଶିବିର ଗୁଡ଼ିକରେ ମହିଳା ରକ୍ତଦାତାଙ୍କ ସଂଖ୍ୟା ପ୍ରାୟ ଅଳ୍ପ ଥାଏ, ଏହାର ପ୍ରାୟ ବିପରୀତ ଘଟିଥିଲା। ଏହି ରକ୍ତଦାନ ଶିବିରରେ ଯେଉଁଠି ମା ଓ ଝିଅ ଦୁହେଁ ଏକ ସମୟରେ ରକ୍ତଦାନ କରିଥିଲେ।



ଜୟ ଓଡ଼ିଶା ଏବଂ ମୁଦ୍ରାୟନ ଫାଉଣ୍ଡେସନ ତରଫରୁ ଆଗାମୀ ଦିନମାନଙ୍କରେ ମଧ୍ୟ ଅନେକ ସମାଜସେବା ମୂଳକ କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଉଭୟ, ଜୟ ଓଡ଼ିଶାର ପ୍ରତିଷ୍ଠାତା ଓ ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ, ଏବଂ ମୁଦ୍ରାୟନ ଫାଉଣ୍ଡେସନର ପ୍ରତିଷ୍ଠାତା ଲୋପାମୁଦ୍ରା ସାହୁ କହିଛନ୍ତି।

# ସୋଆ ପକ୍ଷରୁ ଚିକିତ୍ସା ଶିବିର ଆୟୋଜିତ

**ଭୁବନେଶ୍ୱର, ୨୮।୪ (ମହାଭାରତ):** ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ପ୍ରାୟ ୧୯ଟି ସ୍କ୍ରିନିଂ ଓ ଚିକିତ୍ସା ଶିବିର ଆୟୋଜନ କରାଯାଇଥିବା ବେଳେ ବିଭିନ୍ନ ଅଂଚଳରୁ ପ୍ରାୟ ୧୧୫୩ ବ୍ୟକ୍ତିବିଶେଷ ଉପକୃତ ହୋଇଥିଲେ। ଏକ ମାସ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨୦ ତାରିଖରେ ଆରମ୍ଭ ହୋଇଥିଲା। ଯେଉଁଥିରେ କି ବିଭିନ୍ନ ସଚେତନମୂଳକ ଏବଂ ଶୈକ୍ଷିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ୍ ଓରାଲ ହେଲ୍‌ଥ ପ୍ରୋଗ୍ରାମର ଇନ୍‌ଚାର୍ଜ ଡକ୍ଟର ଜୀବନ୍ତ ଆଚାର୍ଯ୍ୟ ଏବଂ ଆଇଡିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ରୁଚି ଭୂୟାଂ ବକ୍ତବ୍ୟ ରଖିଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର୍ସ, ଇନ୍‌ଟର୍ଣ୍ଣ ଏବଂ




କର୍ମଚାରୀମାନେ ଏପ୍ରିଲ ୬ ତାରିଖ ଦିନ ଭୁବନେଶ୍ୱର ଆନନ୍ଦବନ ପର୍ଯ୍ୟ' ଏକ ୱାକାଥନ୍‌ର ଆୟୋଜନ କରିଥିଲେ। ସେହିପରି ଏପ୍ରିଲ୍ ୧୮ ତାରିଖ ଦିନ ସିଆପିଏଫ୍ କ୍ୟାମ୍ପସ୍‌ରେ ଏକ ସ୍କ୍ରିନିଂ ଓ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା ଯେଉଁଠାରେ ୧୨୦ ଜଣ ରୋଗୀ ପରୀକ୍ଷା ଓ ଚିକିତ୍ସା କରାଇଥିଲେ। ଆଇଡିଏସ୍ ପକ୍ଷରୁ ୩ଟି କଂଟିନୁଇଙ୍ଗ ଡେଂଟାଲ ଏଜୁକେସନ୍ (ସିଡିଇ) ପ୍ରୋଗ୍ରାମ ଏବଂ ୱେବିନାର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ପ୍ରସ୍ତୁତି, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏପ୍ରିଲ୍ ୧୯ ତାରିଖ ଦିନ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଆଡିସ୍‌ନାଲ୍ ଡାଇରେକ୍‌ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଡକ୍ଟର ବ୍ରଜ କିଶୋର ଦାଶ ଏବଂ ପ୍ରଫେସର (ଡାକ୍ତର) ଭୂୟାଁ ଉପସ୍ଥିତ ଥିଲେ।

# ଧର୍ମ ଆଧାରରେ ବିଭାଜିତ

ପାକ ସେନାମୁଖ୍ୟ ତାଙ୍କ ବକ୍ତବ୍ୟରେ ଦୁଇ ରାଷ୍ଟ୍ର ପ୍ରସଙ୍ଗ ଉଠାଇଛନ୍ତି। ସ୍ୱାଧୀନତା ସମୟରେ ଭାରତର ବିଭାଜନ ଲାଗି ତତ୍କାଳୀନ ବ୍ରିଟିଶ ସରକାର ଏହି ନୀତି ଅନୁସରଣ କରିଥିଲେ। ବ୍ରିଟିଶ ସରକାରଙ୍କ ନୀତି ଆଧାରରେ ଧର୍ମ ଆଧାରରେ ଭାରତ ବିଭାଜିତ ହେଲା। ମୁସଲମାନ ବହୁଳ ଅଞ୍ଚଳକୁ ନେଇ ପାକିସ୍ତାନ ଏବଂ ହିନ୍ଦୁ ବହୁଳ ଅଞ୍ଚଳକୁ ନେଇ ଭାରତ ଗଠନ ହେଲା। ପରେ ପାକିସ୍ତାନ ପୁନର୍ବାର ବିଭାଜିତ ହୋଇ ବାଂଲାଦେଶ ଜନ୍ମ ନେଲା। ତେବେ ଭାରତରେ ଅନେକ ମୁସଲମାନ ଏବଂ ପାକିସ୍ତାନରେ ଅନେକ ହିନ୍ଦୁ ରହିଗଲେ। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ମୁସଲମାନମାନେ ସମାନ ଅଧିକାର ସହ ବଂଚି ରହିଛନ୍ତି। କିନ୍ତୁ ପାକିସ୍ତାନରେ ହିନ୍ଦୁମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି ଏବଂ ଦିନେ ପାକିସ୍ତାନ ହିନ୍ଦୁ ଶୂନ୍ୟ ହୋଇଯିବ ଏଭଳି ଲାଗୁଛି। ଯାହା ବି ହେଉ ପାକ ସେନାମୁଖ୍ୟ ଏହାକୁ ଦୋହରଶିବାରେ ଉଦ୍ଦେଶ୍ୟ ହେଲା ମୁସଲମାନ ବହୁଳ କାଶ୍ମୀର ପାକିସ୍ତାନର ବୋଲି ସାବ୍ୟସ୍ତ କରିବା। ଯେଉଁ ଆଧାରରେ ଭାରତ ବିଭାଜିତ ହେଲା, ସେହି ଆଧାରରେ କାଶ୍ମୀର ପାକିସ୍ତାନର ହେବା ଉଚିତ। କିନ୍ତୁ ସେ ସମ୍ଭବତଃ ଇତିହାସକୁ ଭଲଭାବେ ପଢି ନାହାଁନ୍ତି ବା ଜାଣି ନାହାଁନ୍ତି। ସ୍ୱାଧୀନତା ସମୟରେ କାଶ୍ମୀର ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲା। କିନ୍ତୁ ପାକିସ୍ତାନ ବଳପ୍ରୟୋଗ କରି ଏହାକୁ ଅକ୍ତିଆର କରିବାକୁ ଉଦ୍ୟମ କରିଥିଲା। ସେତେବେଳେ କାଶ୍ମୀରର ରାଜା ଭାରତଠାରୁ ସୁରକ୍ଷା ଏବଂ ସହାୟତା ମାଗିଥିଲେ। ପ୍ରତିବଦଳରେ ଜାମ୍ମୁ-କାଶ୍ମୀର ଭାରତର ଅଂଶବିଶେଷ ହୋଇ ରହିବ ବୋଲି ଚୁକ୍ତି ହୋଇଥିଲା। ଶେଷରେ ତାହା ହିଁ ହେଲା। ଭାରତୀୟ ସେନା ଆଗରେ ପାକ୍ ସେନା ପରାଜିତ ହୋଇ କାଶ୍ମୀର ଛାଡ଼ି ଚାଲିଗଲେ। କିନ୍ତୁ କାଶ୍ମୀରର ଏକ ବଡ଼ ଅଂଶ ଏବେ ବି ପାକିସ୍ତାନ ଅଧିନରେ ରହିଛି। ଏହାକୁ କୁହାଯାଉଛି ପାକ ଅଧିକୃତ କାଶ୍ମୀର ବା ପିଓକେ। ଯଦି ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଚାହିଁଥାଆନ୍ତେ ତେବେ ପିଓକେକୁ ସହଜରେ ଦଖଲ କରିପାରିଥାଆନ୍ତେ। କିନ୍ତୁ ତାଙ୍କର ଭୁଲ ନିଷ୍ପତ୍ତି, ଦୂରଦୃଷ୍ଟି ହୀନତା ଏବଂ ଅପରିପକ୍ୱତା ଯୋଗୁ କାଶ୍ମୀରର ଏକ ବିରାଟ ଅଂଶ ପାକିସ୍ତାନକୁ ଚାଲିଗଲା। ଆଉ ଏକ ବଡ଼ ଅଂଶ ଚୀନ ଦଖଲ କରିନେଲା। ପରବର୍ତ୍ତୀ ସମୟରେ ୧୯୭୧ ଯୁଦ୍ଧ ବେଳେ ମଧ୍ୟ ପିଓକେ ଦଖଲ ସୁଯୋଗ ଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା କରିଦେଲା। ଏଥିପାଇଁ ତତ୍କାଳୀନ କଂଗ୍ରେସ ସରକାର ଦାୟୀ। ଏବେ ପାକ ସେନାମୁଖ୍ୟ ଯାହା କହିଛନ୍ତି ତାହାର ଉଚିତ ଜବାବ ଦେଇଛି ଭାରତ। ଭାରତ କହିଛି ଯେ, ପିଓକେ ହେଉଛି ଭାରତର। ଧାରା ୩୭୦ ଉଚ୍ଛେଦ ପରେ ଭାରତରେ କାଶ୍ମୀରର ମିଶ୍ରଣ ଚୁଡ଼ାନ୍ତ ହୋଇଛି। ଏବେ ପାକିସ୍ତାନ ପିଓକେକୁ ଖାଲି କରିଦେବା ଉଚିତ। ଯେତେବେଳେ ପିଓକେକୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବ କେବଳ ସେତେବେଳେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ସହ ଆଲୋଚନା ସମ୍ଭବ ହୋଇପାରିବ। ତା ପୂର୍ବରୁ ନୁହେଁ। କୁହାଯାଉଛି ଯେ, ଭାରତରେ ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀକୁ ଉସୁକାଇବା ଏବଂ ଦଙ୍ଗା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ କରୁଛି। ସେଥିପାଇଁ ପାକ ସେନା ମୁଖ୍ୟ ଏଭଳି ଧର୍ମ ଆଧାରରେ ଦୁଇ ରାଷ୍ଟ୍ର ଫର୍ମୁଲା କଥା କହିଛନ୍ତି। ୧୯୪୭ରେ ତତ୍କାଳୀନ ବ୍ରିଟିଶ ସରକାର ଯାହା କରିଥିଲେ ତାହାକୁ ୮୦ ବର୍ଷ ପରେ ସ୍ୱାଧୀନ ଭାରତ ପୁନର୍ବାର କାର୍ଯ୍ୟକାରୀ କରିବ ବୋଲି ଆଶା କରିବା ବୃଥା। ଭାରତରେ ବାସ କରୁଥିବା ମୁସଲମାନମାନେ ଭାରତର ନାଗରିକ। ସେମାନେ ପାକିସ୍ତାନ ଯିବାକୁ ଚାହାଁନ୍ତି ନାହିଁ। ଏହା ପାକିସ୍ତାନ ମନେ ରଖିବା ଉଚିତ।

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...


।। ପଙ୍କଜ କୁମାର ପାଣିଗ୍ରାହୀ ।।



*ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ। ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ।*


ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେଉଁସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡିକୁ ବିକୃତ, ବିଭସ୍ଥ କରି ଅମାନୁଷିକ ସ୍ୱାର୍ଥନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡିକୁ ସମୀକ୍ଷା କରିବା ମଣିଷ କ୍ଷୀଣ । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମନ୍ତବ୍ୟ ପ୍ରଚାର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ୱର ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ ।

ପ୍ରମାଣପତ୍ର ଶୂନ୍ୟ ଅଦତିଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନଜ୍ଞାନ ଦେଇ ଯାଇଛନ୍ତ ସେଗୁଡିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ ରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତ୍ତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଡକୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍‌ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚାରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ । ଅର୍ଥାତ ଧନ କାହାକୁ କୁହାଯାଏ ବିଚାର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ ।

ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟନ୍ତ ଉପାଦେୟ ହୋଇଥାଏ । ଏହାର ତାତ୍ତ୍ୱିକ ନିଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସନ୍ତୁଳନର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣନ୍ତି ।

ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ ।

ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭସ୍ଥ, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚାଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟନ ପ୍ରଦାନ ପୂର୍ବକ ପୂଜା !! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର ! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚାର କରିବା । ସେମାନଙ୍କ ପ୍ରଚାର, ପ୍ରସାର ଜନିତ ସାମାଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...

ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ ।

ଅଧିକନ୍ତୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!


।। ବାଦଲ ଭୂୟାଁ ।।


ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ତୁତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ତୁତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା


।। ସୌମେନ୍ଦ୍ର ଜେନା ।।


ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ତିଆରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ରାସ୍ତାକଡ଼ରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ବୌଦ୍ଧ, (ମହାଭାରତ) : ରାସ୍ତା କଡ଼ରେ ପଡ଼ିଛି ଶ୍ରମିକଙ୍କ ମୃତଦେହ । ସନ୍ଦେହ ଜଣକ ଭାବେ ମୃତ୍ୟୁ ହୋଇଥିବା ବେଳେ କାରଣ ଅସ୍ପଷ୍ଟ । ଆଦର୍ଶ ଥାନା ଅନ୍ତର୍ଗତ ହାଟଗାଁ ବ୍ରିଜ ନିକଟରେ ପଡ଼ିଛି ମୃତଦେହ । ମୃତ ଶ୍ରମିକ ଝାରଖଣ୍ଡ ରାଜ୍ୟର ବଗନ ସାଏ ହୋଇଥିବା ସୂଚନା । ନିକଟରେ ନିର୍ମାଣଧୀନ କମ୍ପାନୀ କାର୍ଯ୍ୟରତ ଥିଲେ ଶ୍ରମିକ । ଘଟଣା ସ୍ଥଳରେ ପହଂଞ୍ଚିଲା ଆଦର୍ଶ ଥାନା ପୋଲିସ । ସୂଚନା ଅନୁଯାୟୀ ହାଟଗାଁ ଅଂଚଳରେ ଗଏଗ ନାମକ ଏକ କମ୍ପାନୀ ନିର୍ମାଣଧୀନ ଥିବା ବେଳେ ସେଠାରେ ବଗନ ସାଏ ହେଲପର ଭାବେ କାର୍ଯ୍ୟ କରୁଥିଲେ ଏବଂ ଆଜି ଅପରାହ୍ନ ସମୟରେ ସେ କମ୍ପାନୀ ରୁ ବାହାରି ଆସିଥିବା ବେଳେ ବ୍ରିଜ ନିକଟରେ ଏକ ଖାଲି ପଡିଆ ରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । ତେବେ କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ଜଣାପଡ଼ିନଥିବା ବେଳେ ମୃତକଙ୍କ ମୁହଁ ରୁ ଏବଂ ହାତରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି । ତେବେ ତାଙ୍କୁ କିଏ ହତ୍ୟା କରି ଏଠାରେ ଫିଙ୍ଗି ଦେଇଛି ନା ଅନ୍ୟ କେଉଁ କାରଣରୁ ମୃତ୍ୟୁ ହୋଇଛି ସେ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ମୃତଦେହ କୁ ଉଦ୍ଧାର କରି ସବ ବ୍ୟବଛେଦ ପାଇଁ ପଠାଇଛି ପୋଲିସ । ସେପଟେ ସୁପର ଭାଇଯର ର କହିବା ଅନୁଯାୟୀ ଶ୍ରମିକ ଙ୍କ ବାହାରକୁ ଆସିଥିବା ବେଳେ ତାଙ୍କୁ ଅଂଶୁଘାତ ହୋଇଥିବ ଏବଂ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବ ବୋଲି ସନ୍ଦେହ କରାଯାଉଥିବା କହିଛନ୍ତି ।

## ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଗୋଲାମୁଣ୍ଡା , (ମହାଭାରତ) : ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେଶୃଙ୍ଗ ପଂଚାୟତ ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଆଶ୍ୱିନ କୁମାର ରାଉତଙ୍କୁ ଆଜି ସ୍କୁଲ୍ ପ୍ରାଙ୍ଗଣରେ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ଲିନା ଦାସ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସି ଆର୍ ସି ସି ଗଜିନ୍ଦ୍ର ନାଏକ, ଉଦେସୃଙ୍ଗ ସରପଂ* ନାରାୟଣ ଆଗ୍ରିଆ, ସ୍କୁଲ ପରିଚାଳନା ସଭାପତି ହୃଷୀକେଶ ଅଗ୍ରୀଆ, ଯାଂ* କମିଟିର ସଭାପତି କବି କେତନ ଭୋଇ ମଂଚାସିନଥିଲେ ।ସଭାଟିକୁ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମୂରଲୀଧର ଅଗ୍ରୀଆ । ମଂଚାସିନ ସମସ୍ତ ଅତିଥିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ପରେ ନିଜ ନିଜର ଅଭିଭାଷଣ ରଖିଥିଲେ । ଶ୍ରୀଯୁକ୍ତ ରାଉତ ଙ୍କୁ ମୁଖ୍ୟ ଅତିଥିଙ୍କ କର କମଳରେ ଉପଢ଼ୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା ।ଶେଷରେ ଅବସର କାଳୀନ ସଙ୍ଗୀତ ପରିବେଷଣ କରିଥିଲେ ସହ ଶିକ୍ଷକ ହରେକୃଷ୍ଣ ମାଝୀ । ଶ୍ରୀଯୁକ୍ତ ରାଉତ ୨୯ ବର୍ଷ ଧରି ଡଙ୍ଗରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରିବାପରେ ଅବସର ଗ୍ରହଣ କରିଛନ୍ତି ।

## ନାବାଳିକା ଅପହରଣ ଘଟଣା

### ପୀଡ଼ିତାଙ୍କ ପରିବାର ସହ ଆଲୋଚନା କଲେ ରାଜ୍ୟ କଂଗ୍ରେସ୍‌ର ଫାକ୍ଟ ଫାଇଣ୍ଡିଁ ଟିମ୍

ବଡ଼ଚଣା, (ମହାଭାରତ) ନାବାଳିକା ଝିଅର ଅପହରଣର ଦୁଇମାସ ପରେ ବି ଝିଅର ପତା ପାଉନଥିବାରୁ ବିଚଳିତ ହୋଇ ପଡିଛନ୍ତି ପରିବାର । ବାରମ୍ବାର ଅଭିଯୋଗ ପରେ ପୋଲିସର ହାତ ଖାଲି, ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଡଚଣା ବିଧାୟକଙ୍କ ଖୋଦ୍ ନିଜ ଗାଁ ଶାଳପଡାରେ । ସୂଚନା ଅନୁସାରେ ବଡଚଣା ବ୍ଲକ୍ ବୈରୀ ଥାନା ଅଧୀନ ଶାଳପଡ଼ା ପଂଚାୟତ ବାଉଶମୂଳି ଗାଁର ଚକ୍ରଧର ମହାରଣାଙ୍କ ୧୭ ବର୍ଷର ଝିଅ ଅନ୍ନପୂର୍ଣ୍ଣା ମହାରଣା, ନିକଟ ସାଇଲପଡା ଉଚ୍ଚ ବିଦ୍ୟାଳୟରେ +୨ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ । ନା ବାଳିକା ଜଣକ ଗତ ଫେବୃଆରୀ ୧୯ ତାରିଖରେ ଦ୍ୱିତୀୟ ବର୍ଷ ପରୀକ୍ଷା ଦେବା ପରେ ହଠାତ୍ ଆଉ ଘରକୁ ଫେରି ନଥିଲେ । ପରିବାର ପକ୍ଷରୁ ବହୁତ୍ ଖୋଜା ଖୋଜି କରିବା ପରେ ଢେଙ୍କାନାଳ ଜିଲ୍ଲା ମନ୍ଦାର ନିକଟ ରୁ ନିଖୋଜ ନାବାଳିକାର ସାଇକେଲ କୁ ପାଇ ଥିଲେ ମଧ୍ୟ କିଛି ଖବର ନଅପାଇ ନିରାଶ ହୋଇ ବୈରୀ ଥାନାରେ ନିଖୋଜ ହୋଇ ଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ଘର ଲୋକଙ୍କ କହିବା ଅନୁଯାୟୀ ନିଖୋଜର ପ୍ରାୟ ଏକମାସ ପରେ ଗତ ମାର୍ଚ୍ଚ ମାସ ୧୮ ତାରିଖରେ ଏକ ଅଜଣା ନମ୍ବର ରେ ବାପା ଚକ୍ରଧରଙ୍କ ନିକଟକୁ ଫୋନ୍ ଆସିଥିଲା, ଫୋନରେ ଝିଅ ଅନ୍ନପୂର୍ଣ୍ଣା ପଦେ ଅଧେ ବାପା ବାପା ବୋଲି କଥା ହେଉ ଥିବା ବେଳେ,ଝିଅ ହାତରୁ ଫୋନ୍ ଟିକୁ ଛଡ଼ାଇ ନେଇ ଥିବା ବାପା ଚକ୍ରଧର ଥାନା ରେ ଅଭିଯୋଗ ଆଣିଛନ୍ତି । ଗତ ଫେବୃଆରୀ ୨୧ ତାରିଖରୁ ବୈରୀ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ନିଜର କର୍ତବ୍ୟ ସାରି ଦେଇଛି । ବାପା ଚକ୍ରଧରଙ୍କ ପାଖକୁ ଆସିଥିବା ଫୋନ ନମ୍ବର୍ କୁ ମଧ୍ୟ ପୋଲିସ କୁ ଦେଇଛନ୍ତି,ସେହି ଫୋନ୍ ନମ୍ବର ବାଉଁଶମୂଳି ଗାଁର ସାଗର ସେଠୀର ବୋଲି ଜଣା ପଡ଼ି ଥିବା ବେଳେ, ପୋଲିସ ଖୋଜି ପାଉ ନାହିଁ କେମିତି ? କାହା ଚାପରେ ଚପା ଯାଉଛି ଘଟଣାକୁ ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ! ସେହି ଭଳି ଲୋକ ପ୍ରିୟ ବିଧାୟକଙ୍କ ପଡିଶା ଗାଁ କାଇ ମାଟିଆ ବିରିଜଙ୍ଗା ଗ୍ରାମର ୯ ବର୍ଷର ଜନୈକ ନାବାଳିକା କୁ ବଳାତ୍କାର କରାଯାଇ ଥିବା ଗତ ୭ ଦିନ ହେବ ବୈରୀ ଥାନାରେ ଅଭିଯୋଗ ଆଣିଥିଲେ ପରିବାର । କିନ୍ତୁ କେଉଁ ପରିସ୍ଥିତିରେ ପୀଡ଼ିତା ଙ୍କ ବାପା ଓ ପରିବାର ପୁଣି ଚୁପ୍ ହୋଇଗଲେ ଓ ଆମ ପରିବାରରେ ସେମିତି କୌଣସି ଘଟଣା ଘଟି ନାହିଁ ବୋଲି କହିଛନ୍ତି ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଥାନା ବାବୁ ଅଭିଯୁକ୍ତ କୁ ବାନ୍ଧିବା ପରିବର୍ତେ କାହା ଚାପରେ ମାମଲାକୁ ଯେନ ତେନ୍ ଭାବରେ ରଫା ଦଫା କରିଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି । ପୀଡ଼ିତାଙ୍କ ପରିବାର ବର୍ତମାନ ଭୟଭୀତ ଅବସ୍ଥାରେ ରହୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି, ତେବେ କାହା ଚାପରେ ଚେପା ହୋଇଯାଇଛନ୍ତି ।

## ଚୋରା ପିଡ଼ିଏସ ଚାଉଳ ଗାଡି ଜବତ, ତଦନ୍ତ ଜାରୀ

ଅସ୍ତରଙ୍ଗ, (ମହାଭାରତ) : ମଧ୍ୟାହ୍ନ ସମୟ ରେ ଅସ୍ତରଙ୍ଗ ବଜାର ରେ ଏକ ୪୦୭ ମିନି ଟ୍ରକ ରେ ପିଡ଼ିଏସ ଚାଉଳ ବୋଝେଇ ହେଇଥିବା ଅସ୍ତରଙ୍ଗ ଅଂଚଳବାସୀ ଦେଖିବାକୁ ପାଇଥିଲେ ପରେ ସେହି ସ୍ଥାନ ରେ ଉକ୍ତ ଗାଡି ଟିକୁ ଅଟକ ରଖି ସ୍ଥାନୀୟ ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ମହାନ୍ତିଙ୍କୁ ସୂଚନା ଦେଇଥିଲେ, ଆଉ ସୂଚନା ପାଇବା ପରେ ଯୋଗାଣ ବିଭାଗ ଅଧିକାରୀ ଉକ୍ତ ଗାଡିକୁ ଅଟକ ରଖିବା ସହ ଚାଉଳ କୁ ଜବତ କରିଥିଲେ । ଜବତ ପରେ ଚାଉଳ ଯାଂଚ କରିବା ପରେ ଜାଣିବାକୁ ପାଇଥିଲେ ଏହା ସରକାର ଙ୍କ ପିଡ଼ିଏସ ଚାଉଳ ଏହା ପରେ ଅସ୍ତରଙ୍ଗ ଥାନା କୁ ଖବର ଦେଇଥିଲେ ଖବର ପାଇ ଥାନା ଅଧିକାରୀ ରାଜେଶ ବଲିୟାର ସିଂ ଙ୍କ ନିର୍ଦେଶ ରେ ଏସ ଆଇ ଅର୍ଣ୍ଣପୂର୍ଣ୍ଣା ମଲ୍ଲିକ ଉକ୍ତ ଗାଡି କୁ ବଜାର ରୁ ନେଇ ଅସ୍ତରଙ୍ଗ ଥାନା ରେ ଅଟକ ରଖିଥିଲେ । ପରେ ଯୋଗାଣ ବିଭାଗ ଦ୍ୱାରା ଗାଡ଼ିରେ ଥିବା ଚାଉଳ କୁ ଓଜନ କରାଯାଇ ୨୧କ୍ୟୁଂଟାଲ ୭୪କିଲୋଗ୍ରାମ ର ଚାଉଳ ନିକଟସ୍ଥ ଆଳଙ୍ଗପୁର ପଂଚାୟତ ଡିଲର ସୁରେନ୍ଦ୍ର ନାଥ ବରାଳ କୁ ହସ୍ତାନ୍ତର କରାଯାଇଥିଲା ବୋଲି ଯୋଗାଣ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘର ନୂତନ କର୍ମକର୍ତା ଚୟନ

ଅନୁଗୋଳ,(ମହାଭାରତ) : ଅନୁଗୋଳ ସ୍ଥିତ ଗୋପବନ୍ଧୁ ଉଦ୍ୟାନ ଠାରେ ନୂତନ ନିଯୁକ୍ତ ଜିଲ୍ଲା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଭାପତି ରୂପେ ମାଧବ ଚନ୍ଦ୍ର କର, ଉପ ସଭାପତି ସ୍ୱିତିକା ପ୍ରଧାନ, ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ସହ ସମ୍ପାଦକ ରୂପାଲି ପ୍ରଧାନ , ସାଙ୍ଗଠନିକ ସମ୍ପାଦକ ଭାବେ ରଜତ କୁମାର ନାୟକ, ସଞ୍ଜୀୟ କୁମାର ସାହୁ , ଭବାନି ଦାସ, ନିବୃତା ଦାସ, କୋଷାଧକ୍ଷ ଲକ୍ଷ୍ମୀପ୍ରିୟା ସାଏ, ଗଣମାଧ୍ୟମ ସଂଯୋଜକ ତ୍ରିଲୋଚନ ନାୟକ, ମହିଳା ସଂଯୋଜକ ଡାଏନା, ଜିଲ୍ଲା ସଂଯୋଜକ ସାଗର ସୁନ୍ଦର ସାହୁ , ଯୁଗ୍ମ ସମ୍ପାଦକ ମହେନ୍ଦ୍ର ଘଡ଼େଇ ନିର୍ବାଚିତ ହୋଇଥିଲେ । ଉକ୍ତ ବୈଠକରେ ନବ ନିଯୁକ୍ତ ଶିକ୍ଷକ ମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବର୍ଦ୍ଧିତ ପାରିଶ୍ରମିକ , ଷୋହଳ ହଜାର ପରିବର୍ତେ ପୂର୍ବରୁ ଦିଆ ଯାଇଥିବା ଦରମା ଏଗାର ହଜାର ଏକ ଶହ ହାରରେ ମିଳୁ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ।

## ଆତଙ୍କବାଦୀ ଦ୍ୱାରା ହିନ୍ଦୁ ମାନଙ୍କୁ ହତ୍ୟା ଘଟଣା ବିରୋଧରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଅନୁଗୋଳ,(ମହାଭାରତ):କାଶ୍ମୀର ପହଲେଗାଓଁରେ ଆତଙ୍କବାଦୀ ଦ୍ୱାରା ହିନ୍ଦୁ ମାନଙ୍କୁ ହତ୍ୟା କରାଯିବା ଘଟଣାର ଦୃଢ ନିନ୍ଦା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ମୃତାହତ ମାନଙ୍କ ଆତ୍ମାର ସଦଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛି ଜିଲ୍ଲା ସମାଜସେବୀ ମହାସଂଘ,ଅନୁଗୁଳ ତରଫରୁ । ପର୍ଯ୍ୟଟକ ମାନଙ୍କୁ କେଉଁ ଧର୍ମର ଓ ସେମନଙ୍କ ନାମ ପଚାରି ତା ମଧ୍ୟରୁ ହିନ୍ଦୁ ମାନଙ୍କୁ ବାଛି ବାଛି ଅତି ଅମାନବୀୟ ଭାବେ ଗୁଳି କରି ହତ୍ୟା କରିବା ଘଟଣା ଯାହା ସାରା ବିଶ୍ୱକୁ ସ୍ତବ୍ଧ କରିଛି ।ଧର୍ମ ପଚାରି ହତ୍ୟା କରୁଥିବା ଆତଙ୍କବାଦୀ ମାନେ



ଗୋଟିଏ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟର ଅଟନ୍ତି ବୋଲି ମହାସଂଘ ଅଭିଯୋଗ କରିଛି । ପାକିସ୍ଥାନ ମୁର୍ଦାବାଦ୍ , ହିନ୍ଦୁ ହିନ୍ଦୁ ଭାଇ ଭାଇ ସାଙ୍ଗକୁ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବୀରେ ଏକ ଶୋଭାଯାତ୍ରା ଶତାଧିକ ଲୋକ ମାନଙ୍କୁ ନେଇ କାଣ୍ଡସର ସ୍ଥିତ ମା ମଙ୍ଗଳା ମନ୍ଦିର ସମ୍ମୁଖରୁ ବାହାରି ନାଲକୋ ବଜାର ପରିକ୍ରମା କରି କୃଷକ ବଜାର ରେ ଥିବା ବାବା ଆଖଣ୍ଡଳମଣି ମନ୍ଦିର ନିକଟରେ ପହଂଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ସାମାଜିକ ଅନୁଷ୍ଠାନ ଶେଷଜୀବନ ସାଥି ,କୋହିନୁର କ୍ଲବ, ମାନବ ସେବା ମାଧବ ସେବା, ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମାନବ ସେବାଶ୍ରମ,ମା ଫାଉଣ୍ଡେସନ ,ନାଲକୋ ,ଅଁରପାଳ ସାମ୍ବାଦିକ ସଂଘ ସହ ସମାଜସେବୀ ପଦ୍ମାକ୍ଷୀ ସିଂ, ଚିନ୍ମୟୀ ଦାସ, କମଳିନୀ ଦାସ,ଡଃ ସୌଦାମିନୀ ଚୌଧୁରୀ, ପ୍ରକାଶ ବେହେରା, ସନ୍ତୋଷ ମିଶ୍ର ଯୋଗ ଦେଇଥିଲେ ।ଏହି ଶୋଭାଯାତ୍ରାରେ ନାଲକୋ ପୋଲିସ ପକ୍ଷରୁ ସାହାଯ୍ୟ ମିଳିଥିଲା ।ଏହି କାର୍ଯ୍ୟକ୍ରମଟି ସାମ୍ବାଦିକ ସୁଧାକର ସାହୁଙ୍କ ତତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଥିଲା ।

## ମଧୁ ବାବୁଙ୍କ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନାଚକ୍ର

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସୀମାଦ୍ରୀ ଆପନା ଫଙ୍କନ୍ସନ ହଲ ପରିସରରେ ଆନ୍ତର୍ଜାତୀକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ସିନିୟର ଇଜଉଉ ତଥା ଉଜଉଝ ହରିହର ସେଠ, କୃଷକ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର ଆଡେକ, ନାବାର୍ଡ ର ପ୍ରତୀକ ପଣ୍ଡା, ନୃସିଂହ ଚରଣ ବେହେରା ପ୍ରମୁଖ ମଂଚାସିନ ଥିଲେ । ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା । ରଶ୍ମିତା ସାମଲ ଅତିଥି ପରିଚୟ ଓ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ସମବାୟ ମାଧ୍ୟମରେ




ସମାଜର ପ୍ରଗତିରେ ମଧୁସୂଦନ ଦାସଙ୍କ ଭୂମିକା ଓ ଅବଦାନ ଏହା ଉପରେ ଆଲୋଚନା ହୋଇଥିଲା । ଅତିଥିମାନେ ମଧୁସୂଦନ ଦାସଙ୍କ ଜୀବନୀ ଓ ତାଙ୍କର କର୍ମଧାରା ଉପରେ ନିଜର ବକ୍ତବ୍ୟ ରଖିଥିଲେ ।ବିଭିନ୍ନ ଉଲ୍ଲେଖନିୟ କାର୍ଯ୍ୟ କରିଥିବା ସମବାୟ ସମିତିର ସମ୍ପାଦକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲାଏହି କାର୍ଯ୍ୟକ୍ରମରେ ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଏ ରାମ ପ୍ରସାଦ, ବାବୁଲି ସାମଲଙ୍କ ସମେତ ଲ୍ୟାମ୍ପସର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ରଶ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷ୍ଣ ଚୂଡ଼ା ଫୁଲର ଲାଲ ରଙ୍ଗ ପଥିକକୁ ବିମୋହିତ କରୁଛି

ଗଜପତି, (ମହାଭାରତ) : ଉ□ପ୍ତ ବୈଶାଖରେ ତାର ଜନ୍ମ ସେ ବୈଶାଖରେ ତରୁଣ ହୋଇ ପ୍ରେମ କରେ ନିଦାଘକୁ ।ଗାଁ ରାସ୍ତା ରୁ ଜାତୀୟ ରାଜ ପଥ ତା ଅକ୍ତିଆରରେ ଥାଏ । ପ୍ରଚଣ୍ଡ ଗ୍ରୀଷ୍ମର ତାତି, ତାର ରକ୍ତିମ ଆଭା ବିମୋହିତ କରେ ସମସ୍ତ ଙ୍କୁ ସତେ ଯେମିତି ତୃଷ୍ଣା ମେ[ ଯାଉଛି ।ଏହି କୃଷ୍ଣ ଚୂଡ଼ାକୁ ନେଇ କାହାର କେତେ କଳ୍ପନା କବି ମନ ଅନ ମନା ।କୃଷ୍ଣ ଚୂଡ଼ା ଏବଂ ତାର ରଙ୍ଗ ଭିନ୍ନ ଏବଂ ନିଆରା,ପ୍ରେମରେ ଭକ୍ତିରେ ସ୍ନେହରେ ସମସ୍ତଙ୍କୁ ଆପଣେଇ ନେବାରେ ସତେ ଯେମିତି ଏହି କୃଷ୍ଣ ଚୂଡ଼ାର ଜନ୍ମ । କୃଷ୍ଣ ଚୂଡ଼ା କବି ର ପ୍ରାଣକୁ ଆନ୍ଦୋଳିତ କରିବା ପାଇଁ ଏକ ସୁନ୍ଦର ଫୁଲ ଟିଏ ।ବୈଶାଖ ର ତାତିରେ କୃଷ୍ଣ ଚୂଡ଼ା ଆହୁରି ଲାଲ ହୋଇ ଚାରିଆଡେ ବିଛାଡି ହୋଇ ପଡି ତାର ସୌନ୍ଦର୍ଯ୍ୟ ଓ ତାର ରୂପରେ ଏହି ଜଗତକୁ ବିମୋହିତ କରିଦେଉଛି ।ଦିନ ବଢିବା ସହ ଖରାରେ ଖିଲି ଖିଲି ହୋଇ ହସୁଛି ।ଏହି କୃଷ୍ଣ ଚୂଡ଼ା ପ୍ରଚଣ୍ଡ ଖରାରେ ସେ ଆସିଛି ନାଲି ଟୁକୁଟୁକୁ ସାଧବ ବହୁ ଭଳି ।ଅନ୍ୟ ଫୁଲ ଭଳି ତା ଭାଗ୍ୟରେ ନାହିଁ ।ଭଗବାନଙ୍କ ଚରଣରେ ଲାଗିବା ପାଇଁ ।କିନ୍ତୁ ଆଶ୍ଚର୍ଯ୍ୟ କଥା ତା ନା ସହ ଈଶ୍ୱରଙ୍କ ର ନାମ ଯୋଡି ଦିଆଯାଇଛି ।ବାସ୍ତବିକ ପ୍ରାକୃତିର ଏକ ଅନନ୍ୟ ଉପହାର ହେଉଛି ଏହି କୃଷ୍ଣ ଚୂଡ଼ା । ତାର ରଙ୍ଗରେ ରୂପରେ ସମସ୍ତଙ୍କୁ ଆପଣାର କରିଥାଏ ।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

କଳାହାଣ୍ଡି, (ମହାଭାରତ) : ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ଆଜି କଳାହାଣ୍ଡି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଜୁନାଗଡ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ,ଅଧକ୍ଷ ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, କେନ୍ଦ୍ର ସମବାୟ ବ୍ୟାଙ୍କ ଭବାନୀପାଟନା ସଭାପତି ଗିରୀଶ ଚନ୍ଦ୍ର ବେହେରା,ଏମ୍ ପି, କଳାହାଣ୍ଡି ଙ୍କ ପ୍ରତିନିଧି ଜୟଶଙ୍କର ନାୟକ,ମୁଖ୍ୟ ବକ୍ତା ଭାବେ ଡକ୍ଟର ଉମେଶଚନ୍ଦ୍ର ଶତପଥି, ଉପ ନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ, ଏ ଆର୍ ସି ଏସ୍, ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ଯୋଗଦେଇ କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ, ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ଜୟନ୍ତୀ ପାଳନ ଅବସରରେ ମଧୁବାବୁ ଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ର ଥିମ୍ 'ସଶକ୍ତ ସମବାୟ, ସୁଦୃଢ ସମାଜ, ସମୃଦ୍ଧ ଜୀବନ' ଓଡିଶା ସମବାୟ ଆନ୍ଦୋଳନ ର କର୍ଣ୍ଣ ଧାର ମଧୁସୂଦନ ଦାସ ଙ୍କ ଭୂମିକା,ମଧୁବାବୁ ଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ ର ଆବଶ୍ୟକତା, ସମବାୟ ଆନ୍ଦୋଳନ ର ଭୂମିକା ସମ୍ପର୍କରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମବାୟ ସମିତି କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା, କର୍ଲାମୁଣ୍ଡା ବ୍ଲକ ଜୋରା ଡବରା ପ୍ରାଥମିକ ସମବାୟ ସମିତି,କୋକସରା ବ୍ଲକ ର ଟେମରା ସମବାୟ ସମିତି, ଭବାନୀପାଟଣା ଓ ମଦନପୁର ରାମପୁର ସମବାୟ ସମିତି କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ କୁ ରୂପକିଶୋର ଦଳାଇ ପରିଚାଳନା କରିଥିଲେ ।

## ପାଇପ୍ ଷ୍ଟାକ୍‌ୟାର୍ଡରେ ନିଆଁ- ଜଳିଗଲା ଗଚ୍ଛିତ ପାଇପ୍



ପାରାଦୀପ, (ମହାଭାରତ) : ପାରାଦୀପସ୍ଥିତ ପାରାଦୀପ ରିଫାଇନାରୀ ନିକଟରେ ଏକ ପାଇପ୍ ଷ୍ଟାକ୍‌ୟାର୍ଡରେ ଅଗ୍ନିକାଣ୍ଡ ଘଟିବାରୁ ସେଠାରେ ଗଛିତ ପାଇପ୍ ଗୁଡିକ ଜଳିଯାଇଛି । ଘଟଣାରୁ ପ୍ରକାଶଯେ, ସୋମବାର ଦିନ ପୂର୍ବାହ୍ନରେ ପାରାଦୀପ ରିଫାଇନାରି ନିକଟରେ ଟେକ୍ନୋମାଉ□-ମେ□ାଲକ୍ରାଫ୍ଟ କମ୍ପାନୀର ପାଇପ୍ ଷ୍ଟାକୟାର୍ଡରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବାର କିଛି କ୍ଷଣ ମଧ୍ୟରେ ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା । କଳା ଧୂଆଁ ସମଗ୍ର ଅଂଚଳରେ ବ୍ୟାପି ଯାଇଥିଲା । ଆଇଓସିଏଲ୍‌ର ତୈଳ ପାଇପ୍ ଲାଇନ୍ ବିଛାଇବା ପାଇଁ ଏହି ପାଇପ୍ ଗୁଡିକ ଗଛିତ ହୋଇ ରହିଥିଲା । ଅଗ୍ନିକାଣ୍ଡ ଖବର ପାଇ ଆଇଓସିଏଲ୍, ଇଫକୋ, ପିପିଏଲ, ପାରାଦୀପ ବନ୍ଦର ସମେତ କୁଜଙ୍ଗ ଅଗ୍ନିଶମ ବିଭାଗରୁ ୭ଗୋଟି ଦମକଳ ପହଂଚି ନିଆଁକୁ ଆୟତ କରିବାରେ ଲାଗିଥିଲେ । ଏହି ପାଇପ୍ ଉପରେ ପିଚୁ ଓ ପ୍ଲାଷ୍ଟିକ କୋଟିଂ ରହିଥିବାରୁ ନିଆଁ ଲିଭାଇବାକୁ ଫୋମ୍ ଓ ପାଣି ବ୍ୟବହାର କରାଯାଇଥିଲା । ଷ୍ଟାକ୍‌ୟାର୍ଡର ଅପରପାର୍ଶ୍ୱରେ କାର୍ବନ କାରଖାନା ଥିବା ଥିବା ବେଳେ ଅନତିଦୂରରେ ଏକ ପେଟ୍ରୋଲ ପମ୍ପ ରହିଥିବା ବେଳେ ରାସ୍ତାର ଅନ୍ୟପାଖରେ ପାରାଦୀପ-ହଳଦିଆ ପାଇପ୍ ଲାଇନ୍ ରହିଛି । ଯାହାକି ବିପଦ ସୃଷ୍ଟି କରିବା ନେଇ ସନ୍ଦେହ କରାଯାଉଛି ।

## ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ଓ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳନ

ଦେବଗଡ, (ମହାଭାରତ) : ଉପନିବନ୍ଧକ ସମବାୟ ସମିତି ଦେବଗଡ଼ ବିଭାଜନ ସମବାୟ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରେଖ୍ୟାଳୟ ଠାରେ ଆନ୍ତର୍ଜାତିକ ସମବାୟ ବର୍ଷ - ୨୦୨୫ ଦେବଗଡ଼ ଜିଲ୍ଲା ସ୍ତରୀୟ ସମବାୟ ମହୋତ୍ସବ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ଉପନିବନ୍ଧକ ସମବାୟ ସମିତି ଦେବଗଡ଼ ବିଭାଜନର ମୋନିକା ରାଇ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରନ୍ୟ ଅତିଥି ସାଂସଦ ସମ୍ବଲପୁର ପ୍ରତିନିଧି ଅରୁଣ କୁମାର ସାହୁ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା ବରିଷ୍ଠ ସହକାରୀ ନିବନ୍ଧକ ଭବାନୀକାନ୍ତ ନାୟକ ଜିଲ୍ଲା ବିକାଶ ପ୍ରବନ୍ଧକ ନବାଦ ଧୀରେନ୍ଦ୍ର କୁମାର ଦାସ ଯୋଗଦେଇ ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ଗଠନରେ



ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ସମବାୟ ଆନ୍ଦୋଳନରେ ଅମୁଖ ଭୂମିକା ଗ୍ରହଣ କରିଥିଲେ । ସେ କୁଟିର ମିଲ ହସ୍ତତନ୍ତ୍ର ଇତ୍ୟାଦି ବିଶେଷ ଧ୍ୟାନ ଦେଇଥିଲେ । ମହାଜନ ମାନଙ୍କ ଅତ୍ୟାଚାରରୁ ଚାଷୀ ମାନଙ୍କୁ ବଂଚେଇବା ପାଇଁ କଟକ ଠାରେ କପରେଟିଭ ସୋସାଇଟିର ମୂଳଦୁଆ ପକାଇଥିଲେ । ୧୯୦୪ ରେ ସମବାୟ ନିୟମ ଆସିବାର ବହୁପୂର୍ବରୁ ସେ ସମବାୟ ସମିତି ଗଠନ ସ୍ୱଦେଶୀ ଜିନିଷ ଦିଗରେ ପଦ୍ୟେକ୍ଷପ ନେଇଥିଲେ । ମହିଳା ସମବାୟ ସମିତି ଖାଉଟି ସମବାୟ ସମିତି ଖୁଦ୍ର ଶିଳ୍ପ କୁଟୀର ଶିଳ୍ପ ସମବାୟ ସମିତି କୃଷକ ସମବାୟ ସମିତି ଗଠନ କରିଥିବା ଉପରେ ଆଲୋକପାତ କରିଥିଲେ । ପରେ ପରେ ମୁଖ୍ୟ ଅତିଥି ଓ ବରନ୍ୟ ଅତିଥି ଦ୍ୱାରା ଫେକ୍ସ ସମବାୟ ବିଭାଗ ପକ୍ଷରୁ ବାରକୋଟ ବ୍ଲକର କଣ୍ଢେଇ ତିଳେଇବନି ବ୍ଲକର ଲଇମରା ରେମୋଳ ବ୍ଲକର ନାଉଲପଡା ବେଷ୍ଟ ଡିପୋଜିଟର ଦକ୍ଷ କୁମାର ମିଶ୍ର, ସୁଜ୍ଞାନୀ ମିଶ୍ର, ଲୋକନାଥ ରଣା ଦେବଗଡ଼, ଉମାକାନ୍ତ ପ୍ରଧାନ ରିଆମାଳ ମା ମହାଲକ୍ଷ୍ମୀ ସେ.ଏଚ.ଜି ପାଓ୍ୱାର ଟୀଲାର ଲୋନ ରିଆମାଳର ଆଶବତୀ ପ୍ରଧାନ ଓ ବାରକୋଟ ବ୍ଲକର ପ୍ରଫୁଲ୍ଲ କୁମାର ପ୍ରଧାନଙ୍କୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା କ୍ଷ ବୈଠକରେ ପ୍ରେସିଡେ[ କଣ୍ଢେଇ ଦେବେନ୍ଦ୍ର କୁମାର ବେହେରା, ପ୍ରେସିଡେ[ ଖଜୁରୀଖମଣ ଭାରତ ଭୂଷଣ ପ୍ରଧାନ, ପ୍ରେସିଡେ[ ଲଇମରା (ଟଇଉଝ) ରଂଜିତ କୁମାର ପଟେଲ, ପ୍ରେସିଡେ[ ଡ଼ଅଁରା ) ପ୍ରତାପ ପ୍ରଧାନ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମବାୟ ବିଭାଗର ସେକ୍ରେଟାରୀ, ପ୍ରେସିଡେ[ ଓ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମନୋରଞ୍ଜନ ସୁତାର ।

## ୟୁରୋପରେ ବଡ ବିଦ୍ୟୁତ ବିଭ୍ରାଟ

ନୂଆଦିଲ୍ଲୀ : ସ୍ପେନ, ପର୍ତ୍ତୁଗାଲ ଏବଂ ଫ୍ରାନ୍ସର କିଛି ଅଂଶରେ ଏକ ବିଶାଳ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ପରିବହନ , ଯୋଗାଯୋଗ ଏବଂ ଜରୁରୀ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିମାନ ସେବା, ରେଳ ଏବଂ ମେଟ୍ରୋ ସେବାକୁ ବ୍ୟାପକ ଭାବେ ବାଧାପ୍ରାପ୍ତ କରିଛି , ଯାହା ଦେଶଗୁଡ଼ିକରେ ବ୍ୟାପକ ଅସ୍ତବ୍ୟସ୍ତ ସୃଷ୍ଟି କରିଛି । ଏହି ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ସ୍ପେନର ମାଦ୍ରିଦ- ବାରାଜାସ ବିମାନବନ୍ଦର ସମେତ ଅନ୍ୟାନ୍ୟ ପ୍ରମୁଖ ବିମାନବନ୍ଦରରେ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି । ସ୍ପେନର ଜାତୀୟ ରେଳ ଅପରେଟର ରେନ୍ ଫେ ସମଗ୍ର ଦେଶରେ ଟ୍ରେନ୍ ଚଳାଚଳ ବନ୍ଦ ହୋଇଥିବା ସୂଚନା ଦେଇଛି । ଲିସବନ ଓ ପୋର୍ଟୋରେ ମେଟ୍ରୋ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଛି , ଏବଂ ହଜାର ହଜାର ଯାତ୍ରୀଙ୍କୁ ମେଟ୍ରୋ ଷ୍ଟେସନରୁ ବାହାର କରାଯାଇଛି । ଟ୍ରାଫିକ୍ ଲାଇଟ୍ ବନ୍ଦ ହେବା ଯୋଗୁଁ ମାଦ୍ରିଦ, ଲିସବନ ଏବଂ ପୋର୍ଟୋରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଛି । ମୋବାଇଲ ନେଟୱାର୍କରେ କଲ୍ ସେବା ବନ୍ଦ ଥିବା ବେଳେ କିଛି ମେସେଜିଂ ଆପ୍ କାର୍ଯ୍ୟ କରୁଛି । ଏହା ବ୍ୟତୀତ, ଏଟିଏମ , ଇଲେକ୍ଟ୍ରୋନିକ୍ ପେମେ[ ସିଷ୍ଟମ ଏବଂ କୋର୍ଟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି ।

## ଚାରଧାମ ଯାତ୍ରା ପାଇଁ ଅଫଲାଇନ ରେଜିଷ୍ଟ୍ରେସନ ଆଜିଠାରୁ ଆରମ୍ଭ

ନୂଆଦିଲ୍ଲୀ : ଉତରାଖଣ୍ଡ ଚାରଧାମ ଯାତ୍ରା ଆଉ ୨ ଦିନ ପରେ ଆରମ୍ଭ ହେବ । ଏଥିପାଇଁ ଆଜିଠାରୁ ଅଫଲାଇନ ରେଜିଷ୍ଟ୍ରେସନ ଆରମ୍ଭ ହୋଇଛି । ରେଜିଷ୍ଟ୍ରେସନ ପାଇଁ ସକାଳୁ ହରିଦ୍ୱାରରେ ଶ୍ରଦ୍ଧାଳୁ ଲାଇନ ଲଗାଇଛନ୍ତି । ଏଥିପାଇଁ ୨୦ଟି ଫ୍ରି ରେଜିଷ୍ଟ୍ରେସନ କାଉ[ର ଖୋଲାଯାଇଛି । ଚାରଧାମ ଯାତ୍ରା ୩୦ ଏପ୍ରିଲରୁ ଆରମ୍ଭ ହେଉଛି । ଏହି ଦିନ ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ଧାମର କପାଟ ଖୋଲିବ । କେଦାରନାଥ ଧାମ କପାଟ ୨ ମଇରେ ଖୋଲିବାକୁ ଥିବା ବେଳେ ବଦ୍ରିନାଥ ଧାମ କପାଟ ୪ ମଇରେ ଖୋଲିବ । ଚାରଧାମ ଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି । ଚାରଧାମ ଯାତ୍ରା ପାଇଁ ରେଜିଷ୍ଟ୍ରେସନ କରିବା ବାଧ୍ୟତାମୂଳକ । ଏଥିପାଇଁ ସରକାର ହରିଦ୍ୱାର, ଡେରାଡୁନ, ଋଷିକେଶ, ଚମୋଲି, ରୁଦ୍ରପ୍ରୟାଗ ଏବଂ ଉତରକାଶୀ ଜିଲ୍ଲାର ୫୦ରୁ ଅଧିକ ରେଜିଷ୍ଟ୍ରେସନ ସେ[ର କରିଛନ୍ତି । ଏହିସବୁ ସ୍ଥାନରେ ଶ୍ରଦ୍ଧାଳୁ ଯାତ୍ରା କରିବା ପୂର୍ବରୁ ରେଜିଷ୍ଟ୍ରେସନ କରିପାରିବେ । ହରିଦ୍ୱାର ଜିଲ୍ଲାର ପର୍ଯ୍ୟଟକ ଅଧିକାରୀ ସୁଶୀଲ ନଟିୱାଲ କହିଛନ୍ତି, ଚାରଧାମ ଯାତ୍ରା ପାଇଁ ଅଫଲାଇନ ରେଜିଷ୍ଟ୍ରେସନ ସୁବିଧା ଆଜିଠାରୁ ଆରମ୍ଭ ହୋଇଛି । ପର୍ଯ୍ୟଟକଙ୍କ ପାଇଁ ୨୦ଟି କାଉ[ର ଖୋଲାଯାଇଛି । ଏଥିରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ବିଦେଶୀ ନାଗରିକଙ୍କ ପାଇଁ ଅଲଗା ଅଲଗା କାଉଟଂର ରହିଛି । ଆଜି ରେଜିଷ୍ଟ୍ରେସନର ପ୍ରଥମ ଦିନ । ରେଜିଷ୍ଟ୍ରେସନ ସୀମା ୧୦୦୦ ଯାଏଁ ରହିଛି । ଅର୍ଥାତ୍ ପ୍ରତିଦିନ ୧୦୦୦ ଲୋକ ରେଜିଷ୍ଟ୍ରେସନ କରିପାରିବେ । ରେଜିଷ୍ଟ୍ରେସନ ପାଇଁ ଆବଶ୍ୟକ ଡକ୍ୟୁମେ[ : ଆଧାର କାର୍ଡ, ମୋବାଇଲ ନମ୍ବର, ଯଦି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି, ତେବେ ମେଡିକାଲ ପ୍ରମାଣପତ୍ର । ସୂଚନାଯୋଗ୍ୟ, ଗତବର୍ଷ ୪୮ ଲକ୍ଷ ଶ୍ରଦ୍ଧାଳୁ ଚାରଧାମ ଯାତ୍ରା କରିଥିଲେ । ହେଲେ ଏଥିପାଇଁ ୬୫ ଲକ୍ଷ ଶ୍ରଦ୍ଧାଳୁ ରେଜିଷ୍ଟ୍ରେସନ କରିଥିଲେ । ଚଳିତବର୍ଷ ଚାରିଧାମ ଯାତ୍ରା ୩୦ ଏପ୍ରିଲରୁ ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ଧାମର କପାଟ ଖୋଲିବ । ଚଳିତ ବର୍ଷ ମେ' ୨ରେ ଖୋଲିବ କେଦାରନାଥଙ୍କ କପାଟ । ମେ' ୨ରେ ଠିକ୍ ସକାଳ ୭ଟାରେ ଏହି ଦିବ୍ୟ କାର୍ଯ୍ୟର ଆରମ୍ଭ କରାଯିବ ଆଉ ସେହି ସମୟରୁ ହିଁ ଆରମ୍ଭ ହେବ ଚାରିଧାମ ଯାତ୍ରା । ତେବେ ଉଖୀମଠ ସ୍ଥିତ ଓଁକାରେଶ୍ୱର ମନ୍ଦିରରୁ ବାବାଙ୍କ ଶୋଭାଯାତ୍ରା ମେ ୧ରେ କେଦାରନାଥରେ ପହଂଚିବ ଆଉ ମେ ୨ ସକାଳେ କପାଟ ଖୋଲାଯିବ । ଯାତ୍ରା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ୧୧ ମାର୍ଚ୍ଚରୁ ହେବ । ହରିଦ୍ୱାର ଓ ଋଷିକେଶରେ ୨୦-୨୦ଟି ଏବଂ ବିକାଶନଗରରେ ୧୫ଟି ଅଫଲାଇନ୍ ପଞ୍ଜିକରଣ କାଉ[ର ଖୋଲାଯିବ ।

## କାଲି ଦେଉଥିଲେ ଧମକ, ଆଜି ଦେଶ ଛାଡ଼ିଲେ ବିଲାୱଲଙ୍କ ପରିବାର

ନୂଆଦିଲ୍ଲୀ : କାଲି ଦେଉଥିଲେ, ଆଜି ଦେଶ ଛାଡ଼ିଲେ ପରିବାର । ଭାରତର ଯୁଦ୍ଧାଭ୍ୟାସ ଦେଖି ଛାନିଆ ହୋଇପଡ଼ିଥିବା ପାକ୍ ନେତାମାନେ ଜୀବନ ବଂଚାଇବାକୁ ଦେଶ ଛାଡ଼ି ପଳାୟନ କରୁଥିବା ଦେଖିବାକୁ ମିଳିଛି । ପୂର୍ବରୁ ପାକ୍ ସେନାଧ୍ୟକ୍ଷ ଆସିଫ ମୁନିର ସପରିବାର ଦେଶ ଛାଡ଼ି ପଳାଇଥିବାବେଳେ ଏବେ ଭାରତକୁ ଧମକ ଦେଇଥିବା ବିଲାୱଲ ଭୁଟ୍ଟୋଙ୍କ ପରିବାର ଦେଶ ଛାଡ଼ି କାନାଡ଼ା ପଳାଇଛି ।

ଜାମ୍ମୁ-କାଶ୍ମୀରର ପହଲଗାଓଁରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ କରିବା ସହିତ ପାଣି ବନ୍ଦ କରିବାକୁ ଘୋଷଣା କରିଥିଲା । ଭାରତର ଏହି ନିଷ୍ପ□ ପରେ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ନେତା ବିଲାୱଲ ଭୁଟ୍ଟୋ ଭାରତକୁ ଧମକ ଦେଇଥିଲେ । ସିନ୍ଧୁ ନଦୀରେ ଜଳ ବୋହିବ, ନଚେତ ଭାରତୀୟଙ୍କ ରକ୍ତ ବୋହିବ ବୋଲି ବିଲାୱଲ କହିଥିଲେ । କିନ୍ତୁ ଏହାର ଦିନକ ପରେ ତାଙ୍କ ପରିବାର ପାକିସ୍ତାନ ଛାଡ଼ି କାନାଡ଼ା ପଳାଇଛନ୍ତି । ଭାରତର ଆକ୍ରମଣ ଭୟରେ ଜଣକ ପରେ ଜଣେ ପାକିସ୍ତାନୀ ନେତା ଦେଶ ଛାଡ଼ିବା ଘଟଣା ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ପାକିସ୍ତାନ ସମର୍ଥନରେ ବାହାରିଲା ଚୀନ

ନୂଆଦିଲ୍ଲୀ : ପହଲଗାଓଁ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କୂଟନୈତିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ନେବା ପରେ ପାକିସ୍ତାନ ଛାନିଆ ହୋଇ



ଚୀନର ଶରଣ ପଶିଛି । ଯାହା ଫଳରେ ଚୀନ ପାକିସ୍ତାନକୁ ଏହାର ସମର୍ଥନ ଜଣାଇଛି । ପାକିସ୍ତାନର ଅନ୍ତରୀଣ ସୁରକ୍ଷା, ସର୍ବଭୌମତ୍ୱ ରକ୍ଷା କ୍ଷେତ୍ରରେ ଚୀନ ଦୃଢ଼ ସମର୍ଥନ କରୁଛି ବୋଲି ଘୋଷଣା କରିଛି । ଏହା ସହିତ ପହଲଗାଓଁ ଆକ୍ରମଣର ନିରପେକ୍ଷ ତଦନ୍ତ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛି । ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ମହମ୍ମଦ ଇଶାକ ଦାର ରବିବାର ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଫୋନ୍ ? କରି ସହଯୋଗ ଭିକ୍ଷା ମାଗିଥିଲେ । ଏହା ପରେ ୱାଙ୍ଗ୍ ? ୟି କହିଛନ୍ତି, ଚୀନ ଏହି ଘଟଣା ଉପରେ ନଜର ରଖିଛି । ଭାରତ ପାକିସ୍ତାନ ସହିତ ବାଣିଜ୍ୟ, ସୀମା ଏବଂ ଅନ୍ୟାନ୍ୟ ଚୁକ୍ତିକୁ ରଦ୍ଦ କରିବା ପରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଖରାପ ହୋଇଛି । ତେଣୁ ଦୁଇ ଦେଶ ଉ□ଜନା ହ୍ରାସ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି ।

# 'ଭାରତୀୟ ସେନା କେବେ ବି କରିପାରେ ହମଲା'



ନୂଆଦିଲ୍ଲୀ : ପାକିସ୍ତାନ ମନ୍ତ୍ରୀଙ୍କ ବଡ଼ ବୟାନ । କହିଲେ, ଭାରତୀୟ ସେନା କେବେ ବି କରିପାରେ ହମଲା । ଜାମ୍ମୁକାଶ୍ମୀର ପହଲଗାମ୍ ଆକ୍ରମଣକୁ ନେଇ ଏବେ ସବୁଠି ଚର୍ଚ୍ଚା । ଗୋଟିଏ ପଟେ ଭାରତ ସରକାର ପହଲଗାମ୍ ଆକ୍ରମଣକୁ ପ୍ରତିକ୍ରିୟାଶୀଳ ହେଇଥିବାବେଳେ, ଏବେ ଏହାର ଭୟ ପାକିସ୍ତାନର ମନ୍ତ୍ରୀଙ୍କ ପାଖରେ ଦେଖିବାକୁ ମିଳିଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍ ସୋମବାର କହିଛନ୍ତି ଯେ, ଭାରତୀୟ ସେନା କୌଣସି ବି ମୁହୂର୍ତରେ ପାକିସ୍ତାନ ଉପରେ ଆକ୍ରମଣ କରିପାରେ । ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆମେ ଆମ ସେନାକୁ ମଜଭୁତ କରିଦେଇଛୁ । କାହିଁକି ନା ଏହାର ଆବଶ୍ୟକତା ଥିଲା । ସେପଟେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ କହିଛନ୍ତି, ଭାରତ ସହ ଲାଗନି ନଚେତ ପରିମାଣ ଭୟଙ୍କର ହେବ । ସାନ ଭାଇ ତଥା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଏହି ପରାମର୍ଶ ଦେଇଛନ୍ତି ନୱାଜ । ପହଲଗାମ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ଭିତରେ ବଡ ଧରଣର ବିବାଦ ଚାଲିଥିବାବେଳେ ନୱାଜ କହିଛନ୍ତି, ଭାରତ ସହ ଲଢ଼େଇ ନକରି କୂଟନୈତିକ ଆଲୋଚନା କରନ୍ତୁ । ଏପଟେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ କଡା ଆକ୍ସନ ନେବା ଆରମ୍ଭ କରିଛି । ପାକିସ୍ତାନର କିଛି ବଡ଼ ୟୁଟ୍ୟୁବ୍ ଚ୍ୟାନେଲ୍ ସମେତ ୧୬ଟି ୟୁଟ୍ୟୁବ୍ ଚ୍ୟାନେଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ମୋଦୀ ସରକାର । ଡନ୍ ନ୍ୟୁଜ, ସମା ଟିଭି, ଜିଓ ନ୍ୟୁଜର ୟୁଟ୍ୟୁବ୍ ପେଜ ସହ ୧୬ଟି ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଭାରତ, ଏହାର ସେନା ଓ ସୁରକ୍ଷା ଏଜେନ୍ସିଙ୍କ ବିରୋଧରେ ମିଛ, ଭ୍ରମାତ୍ମକ ଓ ଭୁଲ ସୂଚନା ପ୍ରସାରଣ କରୁଥିବାରୁ ପାକିସ୍ତାନ ଉପରେ ଏଭଳି ଡିଜିଟାଲ ଷ୍ଟ୍ରାଇକ କରିଛି ଭାରତ । ଗୃହ ମନ୍ତ୍ରାଳୟର ସୁପାରିଶ ପରେ ଏଭଳି ପଦକ୍ଷେପ ନିଆଯାଇଛି । ଏସବୁ ଚ୍ୟାନେଲରେ ପହଲଗାମ୍ ଉପରେ ମିଥ୍ୟା ଖବର ପରିବେଷଣ କରୁଥିବା ଅଭିଯୋଗ ଥିଲା । ସୋଏବ ଅଖତର, ଆରଜୁ କାଜମୀ ଭଳି ବ୍ୟକ୍ତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଉପରେ ବି ପ୍ରତିବନ୍ଧକ ଲଗାଯାଇଛି ।

## ୨୬/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତହୱୁର ରାଣାର ହାଜତ ଅବଧି ୧୨ ଦିନ ପାଇଁ ବଢିଲା



ନୂଆଦିଲ୍ଲୀ : ୨୬/୧୧ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତହୱୁର ରାଣା ହାଜତ ଅବଧିକୁ ଏନଆଇଏ କୋର୍ଟ ୧୨ ଦିନ ପାଇଁ ବଢାଇଛନ୍ତି । ତହୱୁରକୁ ଆଜି ଦିଲ୍ଲୀର ପଟିଆଲା ହାଉସ କୋର୍ଟରୁ ନିଆଯାଇଥିଲା । ଏନଆଇଏ କୋର୍ଟ ତାଙ୍କ ହାଜତ ଅବଧିକୁ ୧୨ ଦିନ ପାଇଁ ବୃଦ୍ଧି କରିଛନ୍ତି । ୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରେ ତହୱୁର ହୁସେନ ରାଣା ମୁଖ୍ୟ । ତାକୁ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଡେଭିଡ୍ କୋଲମ୍ୟାନ୍ ହେଡଲିର ନିକଟତର ବୋଲି ବିବେଚନା କରାଯାଏ । ହେଡଲି ଏବଂ ରାଣା ସ୍କୁଲ ଦିନରୁ ବନ୍ଧୁ ଥିଲେ । ପରେ ହେଡଲି ସ୍ୱୀକାର କରିଥିଲା ଯେ, ସେ ଲସ୍କର-ଏ-ତୋଏବା ଏବଂ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ କାମ କରୁଥିଲା । ୨୬/୧୧ ମୁମ୍ବାଇ ଆକ୍ରମଣ ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ପାକିସ୍ତାନରୁ ଟ୍ରେନିଂ ନେଇ ଆସିଥିବା ୧୦ ଆତଙ୍କୀ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଧରି ମୁମ୍ବାଇର ଭିଡ଼ ସ୍ଥାନକୁ ଟାର୍ଗେଟ କରିଥିଲେ । ଏହି ଆକ୍ରମଣ ସମୟରେ ୧୬୦ରୁ ଅଧିକ ଲୋକଙ୍କ ଜୀବନ ଚାଲିଯାଇଥିଲା । ତହୱୁର ରାଣା ପାକିସ୍ତାନରେ ଜନ୍ମଗ୍ରହଣ କରିଥିଲା । ଆର୍ମି ମେଡିକାଲ କଲେଜରେ ପାଠପଢ଼ିବା ପରେ ୧୦ ବର୍ଷ ଧରି ପାକିସ୍ତାନ ସେନାରେ ଡାକ୍ତର ଭାବରେ କାର୍ଯ୍ୟ କରିଥିଲା । କିନ୍ତୁ ତହୱୁର ରାଣାକୁ ତା'ର କାମ ପସନ୍ଦ ଆସିନଥିବାରୁ ସେ ଏହି ଚାକିରି ଛାଡିଦେଇଥିଲା । ୨୦୦୬ ରୁ ନଭେମ୍ବର ୨୦୦୮ ପର୍ଯ୍ୟନ୍ତ, ତହୱୁର ରାଣା ପାକିସ୍ତାନରେ ଡେଭିଡ ହେଡଲି ଏବଂ ଅନ୍ୟମାନଙ୍କ ସହିତ ମିଶି ଭାରତ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲା । ଆକ୍ରମଣ ପରେ ସେ ବିଦେଶ ଚାଲିଯାଇଥିଲା । ଏବେ ତହୱୁର କାନାଡର ନାଗରିକ । ଏହାପୂର୍ବରୁ ଚିକାଗୋର ନାଗରିକ ମଧ୍ୟ ରହିସାରିଛି ।

## ପହଲଗାମ ଆକ୍ରମଣକୁ ଜାମ୍ମୁ-କାଶ୍ମୀର ବିଧାନସଭାର ନିନ୍ଦା

ନୂଆଦିଲ୍ଲୀ : ଜମ୍ମୁ କଶ୍ମୀରର ସ୍ୱତନ୍ତ୍ର ଅଧିବେଶନରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା । ଆକ୍ରମଣ ପରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା । ସ୍ପେଶାଲ ସେସନରେଏପ୍ରିଲ ୨୨ ଆକ୍ରମଣ ପାଇଁ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ । ଏହା ସହ କେନ୍ଦ୍ରର ସୁରକ୍ଷା ସଂପର୍କିତ କ୍ୟାବିନେଟ କମିଟିର ନିଷ୍ପତି ପରେ ଗ୍ରହଣ କରାଯାଇଥିବା କୁଟନୈତିକ ପଦକ୍ଷେପକୁ ସ୍ୱାଗତ କରାଯାଇଛି । ଆଗତ ନିନ୍ଦା ପ୍ରସ୍ତାବରେ କଶ୍ମୀରିୟତ ମୂଲ୍ୟବୋଧ ଉପରେ ଏହି ଆକ୍ରମଣ ହୋଇଥିବା କୁହାଯାଇଛି । ଏହା ସହ ସମ୍ବିଧାନ, ଏକତା, ଶାନ୍ତି ଓ ସୌହାର୍ଦ୍ଦ୍ୟ ଉପରେ ଆକ୍ରମଣ ବୋଲି କୁହାଯାଇଛି । ଜମ୍ମୁ କଶ୍ମୀର ସରକାର ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ବିଧାନସଭା ଆରମ୍ଭରେ ବୈସରନ ଆତଙ୍କବାଦୀ ଆକ୍ରମଣରେ ପ୍ରାଣହରାଇଥିବା ମୃତକଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସୂଚନାନୁଯାୟୀ ବିଧାନସଭାର ସଦସ୍ୟମାନେ ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟାକୁ ସମର୍ଥନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ଏବଂ ଆତଙ୍କବାଦୀ ବିରୋଧରେ ଏକତା ବଦ୍ଧ ହୋଇ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅଧିବେଶନରେ ସାମୂହିକ ଦୁଃଖ, ନୀରବତା ରକ୍ଷା କରାଯାଇଥିଲା । ପରେ ରାଜନୈତିକ ସୀମାରେ ଏକତାର ଗୁରୁତ୍ୱ ଉପରେ ଅଧିବେଶନରେ ଆଲୋକପାତ କରାଯାଇଥିଲା । ଅନ୍ୟପଟେ ଜମ୍ମୁ ଏବଂ କାଶ୍ମୀର ବିଧାନସଭାର କାର୍ଯ୍ୟ ମାଧ୍ୟମରେ କେବଳ ନ୍ୟାୟ ନୁହେଁ ବରଂ ଶାନ୍ତି, ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ଦୃଢ ଶପଥ ନେଇଥିଲେ । ଶେଷରେ ବିଧାନସଭାରେ ପୀଡିତ ପରିବାର ପ୍ରତି ସମବେଦନା ଜଣାଇବା ସହ ପର୍ଯ୍ୟଟକଙ୍କୁ ଉପଯୁକ୍ତ ସୁରକ୍ଷା ଦେବା ପାଇଁ ଚେଷ୍ଟା କରି ପ୍ରାଣ ହରାଇଥିବା ପୋନି ରାଇଡ୍ ଅପରେଟର ସୟଦ ଆଦିଲ ହୁସେନ ଶାହଙ୍କ ସାହସିକତାକୁ ପ୍ରଶଂସା କରିଥିଲେ ।

## ଅସ୍ତ୍ରବିରତି ଘୋଷଣା କଲେ ରୁଷ୍ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଆସନ୍ତା ମାସରେ ବିଜୟ ଦିବସ ପାଳନର ୮୦ ବର୍ଷ ପୂ□ ଅବସରରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନରେ ଚାଲିଥିବା ସାମରିକ ଅଭିଯାନରେ ୭୨ ଘ[ଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି । ସୋମବାର ଅପରାହ୍ନରେ କ୍ରେମଲିନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମେ ୭-୮ ମଧ୍ୟରାତ୍ରିରୁ ମେ ୧୦-୧୧ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅସ୍ତ୍ରବିରତି ଜାରି ରହିବ । ଏହି ବିବୃତିରେ ୟୁକ୍ରେନକୁ ଅସ୍ତ୍ରବିରତି ପାଳନ କରିବାକୁ ନିବେଦନ କରାଯାଇଛି । ୟୁକ୍ରେନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ ହେଲେ ଋଷୀୟ ସଶସ୍ତ୍ର ବାହିନୀ ଏହାର ଯଥେଷ୍ଟ ଓ ପ୍ରଭାବଶାଳୀ ଜବାବ ଦେବ । ୟୁକ୍ରେନ ସଙ୍କଟର ମୂଳ କାରଣକୁ ଦୂର କରିବା ଏବଂ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ଗଠନମୂଳକ ବା□ାଳାପ ଉଦ୍ଦେଶ୍ୟରେ ବିନା ସ□ରେ ଶାନ୍ତି ଆଲୋଚନା ପାଇଁ ରୁଷ୍ ପୁଣି ଥରେ ଘୋଷଣା କରିଛି ।

ଅନ୍ୟପକ୍ଷରେ ଋଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ମଧ୍ୟ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରି ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ଆରମ୍ଭ କରିବା ନିମନ୍ତେ ପରିସ୍ଥିତିକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଛନ୍ତି । ମସ୍କୋ ବିଜୟ ଦିବସ ପରେଡ୍ ହେଉଛି ମେ ୯ ତାରିଖରେ ମସ୍କୋର ରେଡ୍ ସ୍କୋୟାରରେ ରୁଷୀୟ ସଶସ୍ତ୍ର ବାହିନୀର ଏକ ବାର୍ଷିକ ସାମରିକ ପରେଡ୍ । ଏହି ପରେଡ୍ ହେଉଛି ନାଜି ଜର୍ମାନୀକୁ ଲାଲ ସେନାକୁ ଆତ୍ମସମର୍ପଣ କରିବାର ସ୍ମୃତି, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବ ମୋର୍ଚ୍ଚାର ଅନ୍ତ କୁ ଦର୍ଶାଏ, ଯାହା ଋଷରେ ମହାନ ଦେଶଭକ୍ତି ଯୁଦ୍ଧ ଭାବରେ ପରିଚିତ ।

## ଭାରତ ସହ ଲାଗନାହିଁ: ସାନଭାଇ ଶହୱାଜଙ୍କୁ ପରାମର୍ଶ ଦେଲେ ନୱାଜ

ନୂଆଦିଲ୍ଲୀ : ଭାରତ ସହିତ ନ ଲାଗିବାକୁ ପରାମର୍ଶ ଦେଇଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ । ଭାରତ ସହ କୌଣସି ପ୍ରକାର ସାମରିକ ଯୁଦ୍ଧ କରିବା ପାକିସ୍ତାନ ପାଇଁ ଅପୂରଣୀୟ କ୍ଷତି ହେବ ବୋଲି ସେ ନିଜ ସାନଭାଇ ତଥା ପ୍ରଧାନମନ୍ତ୍ରୀ ଶେହୱାଜ ସରିଫଙ୍କୁ କହିଛନ୍ତି । ପ୍ରଧାନମନ୍ତ୍ରୀ ଶେହୱାଜ ଏବଂ ପଞ୍ଜାବ ପ୍ରଦେଶ ମୁଖ୍ୟମନ୍ତ୍ରୀ ନୱାଜଙ୍କ ବାସଭବନକୁ ଯାଇ ତାଙ୍କୁ ଦେଶର ବ□ମାନର ପରିସ୍ଥିତି ସମୟରେ ଅବଗତ କରାଇଥିଲେ । ପହଲଗାଓଁ ଆକ୍ରମଣକୁ ନେଇ ଭାରତ ପାକିସ୍ତାନକୁ ଦୋଷ ଦେବା ସହିତ ପାକିସ୍ତାନ ବିରୋଧରେ ବିଭିନ୍ନ ପଦକ୍ଷେପ ନେଇଛି । ନୱାଜ ସାନ ଭାଇ ଶେହୱାଜଙ୍କୁ କହିଥିଲେ, ଭାରତ ସହିତ ଯଥାସମ୍ଭବ କୂଟନୈତିକ ସ୍ତରରେ ଆଲୋଚନା କର । କୌଣସି ପ୍ରକାର ଯୁଦ୍ଧକୁ ଆମନ୍ତ୍ରଣ କରନାହିଁ । ଶାନ୍ତି ସ୍ଥାପନ ପାଇଁ କୂଟନୈତିକ ବ୍ୟବସ୍ଥାର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ଭାରତ ସିନ୍ଧୁ ନଦୀ ଜଳ ଚୁକ୍ତି ରଦ୍ଦ କରିବା ସହିତ ପାଣି ନ ଛାଡ଼ିବାକୁ ନିଷ୍ପ□ ନେବା ପରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଭାରତକୁ ଚେତାବନୀ ଦେଇଥିଲେ । ଭାରତ ଯଦି ପାକିସ୍ତାନ ଉପରେ ଆକ୍ରଣ କରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଥିଲେ ।

# ସୁଦୃଢ଼ ହେବ ନୌସେନା, ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ କରିବ ଭାରତ



ନୂଆଦିଲ୍ଲୀ : ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କିଣିବା ପାଇଁ ଭାରତ ଆଜି ଫ୍ରାନ୍ସ ସହ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଫ୍ରାନ୍ସର ସଶସ୍ତ୍ର ବାହିନୀ ମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ଣ୍ଣୁ ନୂଆଦିଲ୍ଲୀଠାରେ ଏହି ଆନ୍ତଃ-ସରକାରୀ ବୁଝାମଣା ସ୍ୱାକ୍ଷର କରିଛନ୍ତି । ୨୬ଟି ରାଫେଲ ସାମୁଦ୍ରିକ ବିମାନ ମଧ୍ୟରୁ ୨୨ଟି ସିଙ୍ଗଲ ସିଟର ଏବଂ ୪ଟି ଡବଲ ସିଟର ହେବ ଏବଂ ଏହାକୁ ଭାରତୀୟ ନୌସେନାର ଆବଶ୍ୟକତା ଅନୁଯାୟୀ ଡିଜାଇନ୍ ଓ ପ୍ରସ୍ତୁତ କରାଯିବ । ୨୦୩୦ ସୁଦ୍ଧା ଏହି ବିମାନଗୁଡ଼ିକ ଭାରତକୁ ଆସିବ ।

ଏହି ଚୁକ୍ତିରେ ପ୍ରଶିକ୍ଷଣ, ସିମୁଲେଟର, ଆନୁସଙ୍ଗିକ ଉପକରଣ, ଅସ୍ତ୍ରଶସ୍ତ୍ର ଏବଂ ପ୍ରଦର୍ଶନ ଭି□କ ଲଜିଷ୍ଟିକ୍ସ ଅନ୍ତର୍ଭୁକ୍ତ । ଏଥିରେ ଭାରତୀୟ ବାୟୁସେନାର ବ□ମାନର ରାଫେଲ ଫ୍ଲିଟ୍ ପାଇଁ ଅତିରିକ୍ତ ଉପକରଣ ମଧ୍ୟ ଅନ୍ତର୍ଭୁକ୍ତ । ଏହି ଚୁକ୍ତି ଦ୍ୱାରା ଦେଶରେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ଏକୀକରଣ ପାଇଁ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର ଏବଂ ରାଫେଲ ଫ୍ୟୁସେଲେଜ୍ ପାଇଁ ଉତ୍ପାଦନ ସୁବିଧା ପ୍ରତିଷ୍ଠା ସହିତ ବିମାନ ଇଞ୍ଜିନ, ସେନ୍ସର ଏବଂ ଅସ୍ତ୍ରଶସ୍ତ୍ରର ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହୋଲ ସୁବିଧା ଉପଲବ୍ଧ ହେବ । ଏହି ଚୁକ୍ତି ଦ୍ୱାରା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ହଜାର ହଜାର ନିଯୁକ୍ତି ଓ ରାଜସ୍ୱ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ନୂଆଦିଲ୍ଲୀର ନୌସେନା ଭବନରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ଭାରତ ଓ ଫ୍ରାନ୍ସ ଅଧିକାରୀମାନେ ଚୁକ୍ତିନାମାର ସ୍ୱାକ୍ଷରିତ ନକଲ, ବିମାନ ପ୍ୟାକେଜ୍ ଯୋଗାଣ ପ୍ରୋଟୋକଲ୍ ଏବଂ ଅସ୍ତ୍ରଶସ୍ତ୍ର ପ୍ୟାକେଜ୍ ଯୋଗାଣ ପ୍ରୋଟୋକଲ୍ ଆଦାନ ପ୍ରଦାନ କରିଥିଲେ । ରାଫେଲ ସାମୁଦ୍ରିକ ବିମାନ ସାମିଲ ହେବା ପରେ ନୌସେନାର ଶକ୍ତି ବହୁଗୁଣିତ ହେବ ଏବଂ ଏହି ଲଢୁଆ ବିମାନକୁ ଆଇଏନଏସ ବିକ୍ରମାଦିତ୍ୟ ଏବଂ ଆଇଏନଏସ ବିକ୍ରାନ୍ତ ଭଳି ବିମାନବାହୀ ଜାହାଜରେ ମୁତୟନ କରାଯିବ । ରାଫେଲରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର ରହିବ । ଫ୍ରାନ୍ସର ଡାସଲ୍ଟ ଏଭିଏସନ୍ ଦ୍ୱାରା ନିର୍ମିତ ରାଫେଲ-ମେରିନ୍ ହେଉଛି ଏକ ବାହକବାହୀ ଯୁଦ୍ଧ ପ୍ରସ୍ତୁତ ବିମାନ ଯାହାର ସାମୁଦ୍ରିକ ପରିବେଶରେ ପ୍ରମାଣିତ ପରିଚାଳନା କ୍ଷମତା ରହିଛି ।

# ଅଶ୍ୱିନଙ୍କୁ ପଦ୍ମଶ୍ରୀ ସମ୍ମାନ

ନୂଆଦିଲ୍ଲୀ, ୨୮।୪(ମହାଭାରତ): ଅବସରପ୍ରାପ୍ତ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସୋମବାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ଭାରତୀୟ କ୍ରିକେଟର ଏହି ସମ୍ମାନଜନକ ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ତାଙ୍କ



ବାସଭବନରେ ଗ୍ରହଣ କରିଛନ୍ତି।ଏହି ଅବସରରେ ରାଷ୍ଟ୍ରପତି ଭବନରେ ଅଶ୍ୱିନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇବା ପାଇଁ ଅଶ୍ୱିନଙ୍କୁ ଅଭିନନ୍ଦନ ବୋଲି ବିସିସିଆଇ ପକ୍ଷରୁ ଟ୍ୱିଟ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଅବସର ଘୋଷଣା କରିଥିବା ଅଶ୍ୱିନ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦୬ ଟେଷ୍ଟ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି।୩୮ ବର୍ଷୀୟ କ୍ରିକେଟର ଭାରତ ପାଇଁ ୧୧୬ ଦିନିକିଆ। ଖେଳି ୧୫୬ ଉଇକେଟ ନେଇଥିବା ବେଳେ ୬୫ ଟି୨୦ ମ୍ୟାଚ୍‌ରେ ୭୨ ଉଇକେଟ ନେଇଛନ୍ତି।

# ଆରସିବିକୁ ଜିତାଇଲେ କୋହଲି-କୃଣାଲ

ନୂଆଦିଲ୍ଲୀ, ୨୮।୪(ମହାଭାରତ): ବିରାଟ କୋହଲି ଓ କୃଣାଲ ପାଣ୍ଡ୍ୟାଙ୍କ ଦମଦାର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଦିଲ୍ଲୀ କ୍ୟାପିଟାଲ୍ସକୁ ତାରି ମାଟିରେ ୬ ୱିକେଟ୍‌ରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଆଉ ଚଳିତ ସିଜିନ ପରାଜୟର ପ୍ରତିଶୋଧ ନେଇଛି ବେଙ୍ଗାଲୁରୁ। ଏଥିସହ ବେଙ୍ଗାଲୁରୁ ଚଳିତ ସିଜିନରେ ୬ଟି ମ୍ୟାଚ୍ ବାହାରେ ଖେଳି ସବୁ ମ୍ୟାଚ୍ ଜିତିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୮ ୱିକେଟ୍ ହରାଇ ୧୬୨ ରନ କରିଥିଲା। କେଏଲ ରାହୁଲ ସର୍ବାଧିକ ୪୧ ରନ ଓ ଟ୍ରିଷ୍ଟନ ଷ୍ଟବ୍ସ ୩୪ ରନ କରିଥିଲେ। ଜବାବରେ ବେଙ୍ଗାଲୁରୁ ୧୮.୩ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍‌କୁ ଜିତି ନେଇଛି। କୃଣାଲ ପାଣ୍ଡ୍ୟା ୭୩ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ କୋହଲି ଗୁରୁତ୍ୱପୂର୍ଣ୍ଣ ୫୧ ରନ କରିଛନ୍ତି।ବିଜୟ ସହ ବେଙ୍ଗାଲୁରୁ ୧୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଥିବା ବେଳେ ଦିଲ୍ଲୀ ଚତୁର୍ଥ ସ୍ଥାନକୁ ଖସି ଆସିଛି।

୧୬୩ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଆରସିବିକୁ ୨୦ ରନ ସ୍କୋରରେ ଡବଲ ଝଟକା ଲାଗିଥିଲା। ଜାକବ ବେଥେଲ ୧୨ ରନ ଓ ଦେବଦତ୍ତ ପାଡିକଲ ଖାତା ଖୋଲି ନ ପାରି ପାଭିଲିୟନ ଫେରିଥିଲେ। ପୁଣି ଅଧିନାୟକ ରଜତ ପାଟିଦାର ୬ ରନ କରି ପାଭିଲିୟନ ଫେରିଥିଲେ। ୨୬ ରନ ସ୍କୋରରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିବା ଆରସିବିର ଇନିଂସ ସମ୍ଭାଳିଥିଲେ। କୋହଲି ଓ କୃଣାଲ ପାଣ୍ଡ୍ୟା ପିଚ୍ ଧିମା ଥିବାରୁ ସେହି ହିସାବରେ



ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ ।

ଦୁହେଁ କ୍ରିଜରେ ଜମିବା ସହ ଆବଶ୍ୟକ ରନ ହାର ସଂଗ୍ରହ କରିଥିଲେ। ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରା କରିଥିଲେ। ବିଶେଷ କରି କୃଣାଲ ପାଣ୍ଡ୍ୟା ଦ୍ରୁତ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ଚତୁର୍ଥ ୱିକେଟ୍‌ରେ ୧୧୯ ରନ ଯୋଡ଼ି ଦଳର ବିଜୟ ମାର୍ଗ ପ୍ରଶସ୍ତ କରିଥିଲେ। କୋହଲି ୫୧ ରନ କରି ଆଉଟ୍ ହୋଇଥିଲେ। ବିଜୟ ଔପଚାରିକତା ପୂରା କରିଥିଲେ। କୃଣାଲ ପାଣ୍ଡ୍ୟା ଓ ଟିମ୍ ଡେଭିଡ୍ କୃଣାଲ ୪୭ ବଲରୁ ୫ ଚୌକା ଓ ୪ ଛକା ସହ ୭୩ ରନ ଓ ଟିମ୍ ଡେଭିଡ ୫ ବଲରୁ ୧୯ ରନ କରି ଅପରାଜିତ ଥିଲେ। ଶେଷରେ ମ୍ୟାଚ୍‌କୁ ୧୮.୩ ଓଭରରେ ୪ ୱିକେଟ୍ ହରାଇ ଜିତି ନେଇଛି ବେଙ୍ଗାଲୁରୁ।

# ବିଦ୍ୟୁତ୍ ବିଭ୍ରାଟ, ମ୍ୟାଚ୍ ସସ୍‌ପେଣ୍ଡ

ମାଡ୍ରିଡ୍, ୨୮।୪: ସ୍ପେନ୍ ଓ ପର୍ତ୍ତୁଗାଲ୍‌ରେ ଏକ ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସୋମବାର ମାଡ୍ରିଡ୍ ଓପନ ଟେନିସ ଟୁର୍ନାମେଣ୍ଟର ଖେଳକୁ ସସ୍‌ପେଣ୍ଡ କରାଯାଇଛି।

ସ୍ଥାନୀୟ ସମୟ ୧୨ଟା ୩୪



ମିନିଟ ସମୟରେ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମ୍ୟାଚ ଖେଳାଯାଉଥିବା ବେଳେ ବିଦ୍ୟୁତ ଲାଇନ୍ ଚାଲିଯାଇଥିଲା ଫଳରେ ମାନୋଲୋ ସାନ୍ତାନା ଷ୍ଟାଡିୟମ କୋର୍ଟ ଭିତରେ ଲାଗିଥିବା ସ୍ପାଇଡର କ୍ୟାମେରା ଓ କଲିଂ ସିଷ୍ଟମ୍ ଅଚଳ ହୋଇପଡ଼ିଥିଲା। ସେତେବେଳେ ମୁଖ୍ୟ ଷ୍ଟାଡିୟମରେ ଖେଳାଯାଉଥିବା ଜାକବ ଫିଅର୍ନଲିଙ୍କ ବିପକ୍ଷ ଏକ ମ୍ୟାଚରେ ଗ୍ରିଗୋର ଦିମିତ୍ରି ୬-୪, ୫-୪ରେ ଆଗୁଆ। ରହିଥିଲେ ସୋମବାର ମହିଳା ମ୍ୟାଚ ମଧ୍ୟ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୦୭ | ୦୩ | ୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୦୬ | ୦୪ | ୧୨ |
| ଗୁଜରାଟ ଟାଇଟନ୍ସ | ୦୯ | ୦୬ | ୦୩ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୯ | ୦୬ | ୦୩ | ୧୨ |
| ପଞ୍ଜାବ କିଙ୍ଗ୍‌ସ | ୦୮ | ୦୫ | ୦୨ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୦ | ୦୫ | ୦୫ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୯ | ୦୩ | ୦୫ | ୦୭ |
| ରାଜସ୍ଥାନ ରୟାଲ୍‌ସ | ୦୯ | ୦୩ | ୦୬ | ୦୬ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୯ | ୦୨ | ୦୭ | ୦୪ |

# ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ

## ମାତ୍ର ୩୫ ବଲ୍‌ରେ ହାସଲ କଲେ ଶତକ



ଜୟପୁର, ୨୮।୪: ୧୪ ବର୍ଷୀୟ ବୈଭବ ଜୟପୁରରେ ଇତିହାସରେ ରଚିଛନ୍ତି ମାତ୍ର ୩୫ ବଲ୍‌ରେ ନିଜର ପ୍ରଥମ ଶତକ ହାସଲ କରି ଏହି ଯୁବ କ୍ରିକେଟର ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଏକ ଚମତ୍କାର ଇନିଂସ ଖେଳି ବୈଭବ ନିଜ ନାମ ଭାରତୀୟ କ୍ରିକେଟ ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରିଛନ୍ତି। ବୈଭବ ୩୮ ବଲରେ ୧୦୧ ରନ କରିଥିବାବେଳେ ଏଥିରେ ୧୨ ଛକା, ୭ ଛକା ସାମିଲ ଥିଲା। ଜୟପୁରରେ ଅନୁଷ୍ଠିତ ଏହି ମ୍ୟାଚରେ ବୈଭବ ଅତ୍ୟନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ଏକ ଲମ୍ବା ଛକା ମାରି ନିଜର ଶତକ ପୂରଣ କରିଥିଲେ ତାଙ୍କର ଏହି ଅସାଧାରଣ ପ୍ରଦର୍ଶନ ଦେଖି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ମେଣ୍ଟର ରବି ଦ୍ରାବିଡ଼ଙ୍କ ଖୁସିର ସୀମା ନଥିଲା। ବୈଭବ ସୂର୍ଯ୍ୟବଂଶୀ ବିହାରର ଜଣେ ଯୁବ କ୍ରିକେଟର, ଯିଏ ଅଣ୍ଡର-୧୪ ଏବଂ ଅଣ୍ଡର-୧୬ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରି କ୍ରିକେଟ ଜଗତରେ ଧ୍ୟାନ ଆକର୍ଷଣ କରିଥିଲେ ତାଙ୍କର ଦ୍ରୁତ ବ୍ୟାଟିଂ ଶୈଳୀ ଏବଂ ଚାପ ମଧ୍ୟରେ ଶାନ୍ତ ରହି ଖେଳିବାର କ୍ଷମତା ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରିଛି । ଏହି ଶତକ ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ହୋଇଥିବା ବେଳେ, ଏହା ଭାରତୀୟ କ୍ରିକେଟ ପାଇଁ ଏକ ନୂଆ। ତାରକାର ଉଦୟକୁ ସୂଚାଇଛି।

# ଭାରତୀୟ ଖେଳାଳିଙ୍କୁ ଅଣଦେଖା କରୁଛନ୍ତି ପଣ୍ଟିଂ

ନୂଆଦିଲ୍ଲୀ, ୨୮।୪: ପଞ୍ଜାବ କିଙ୍ଗ୍ସକୁ ସବୁଠାରୁ ଦୁର୍ବଳ ଦଳ ମଧ୍ୟରେ ଗଣନା କରାଯାଉଥିଲା। କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଏବଂ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ଆଇପିଏଲ୍ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ଦଳ ୯ ମ୍ୟାଚ୍‌ରେ ୧୧ ପଏଣ୍ଟ ପାଇ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି। ଏଥର ପଞ୍ଜାବ କିଙ୍ଗ୍ସକୁ ମଧ୍ୟ ଚାମ୍ପିଅନ ହେବାର ଏକ ବଡ଼ ଦାବିଦାର ବିବେଚନା କରାଯାଉଛି।

ଏହା ସତ୍ତ୍ୱେ ପୂର୍ବତନ ଭାରତୀୟ କ୍ରିକେଟର ମନୋଜ ତିରୀ କହିଛନ୍ତି ଯେ ସେ ନିଜକୁ ଟ୍ରଫି ଜିତିବା ଦେଖୁନାହାଁନ୍ତି। କେବଳ ଏତିକି ନୁହେଁ ସେ ମୁଖ୍ୟ ପ୍ରଶିକ୍ଷକ ପଣ୍ଟିଂଙ୍କ ରଣନୀତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ତାଙ୍କ ଉପରେ ଭାରତୀୟ ଖେଳାଳିମାନଙ୍କୁ ଅଣଦେଖା କରିବାର ଅଭିଯୋଗ ମଧ୍ୟ ଆସିଛି।

ମନୋଜ ତିୱାରୀ ଇଡେନ



ଗାର୍ଡେନରେ କୋଲକାତା ନାଇଟ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଆଧାରରେ ରିକି ପଣ୍ଟିଂଙ୍କ ଉପରେ ଅଭିଯୋଗ ଆଣିଥିଲେ। ବର୍ଷା ଯୋଗୁ ମ୍ୟାଚ କୌଣସି ଫଳାଫଳ ବିନା ଶେଷ ହୋଇଥିଲା ।

ଏହା ପରେ ସେ କହିଥିଲେ, ମୋର ଅନ୍ତରଙ୍ଗ ଭାବନା କହୁଛି ଯେ ପଞ୍ଜାବ ଦଳ ଏହି ସିଜିନରେ ଟ୍ରଫି ଜିତିପାରିବ ନାହିଁ, କାରଣ ଆଜି ଯେତେବେଳେ ସେମାନେ ବ୍ୟାଟିଂ କରୁଥିଲେ, ମୁଁ ଦେଖିଲି ଯେ ପ୍ରଶିକ୍ଷକ ଭାରତୀୟ ଫର୍ମରେ ଥିବା ବ୍ୟାଟ୍ସମ୍ୟାନ ନେହଲ ଭାଡେରା ଏବଂ ଶଶାଙ୍କ ସିଂଙ୍କୁ ପଠାଇ ନ ଥିଲେ ବରଂ ସେ ତାଙ୍କ ବିଦେଶୀ ଖେଳାଳିମାନଙ୍କୁ ବିଶ୍ୱାସ କରିଥିଲେ। କିନ୍ତୁ ସେମାନେ ବିଶ୍ୱାସ ପୂରଣ କରିପାରିଲେ ନାହିଁ।ଏହା ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ସେ ଭାରତୀୟ ଖେଳାଳିମାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ। ଯଦି ସେମାନେ ଏହିପରି ଆଗକୁ ଖେଳନ୍ତି, ତେବେ ଟପ୍-୨ରେ ରହିବା ସତ୍ତ୍ୱେ, ସେମାନେ ଟାଇଟଲ ଜିତିପାରିବେ ନାହିଁ।

ମନୋଜ ତିରୀଙ୍କ ଇଙ୍ଗିତ ଗ୍ଲେନ୍ ମ୍ୟାକ୍ସଲେ ଆଡକୁ ଥିଲା ତାଙ୍କ ମତରେ, ଅଷ୍ଟ୍ରେଲୀୟ ଖେଳାଳି ମ୍ୟାକ୍ସଲେଙ୍କ କ୍ରମାଗତ ବିଫଳତା ସତ୍ତ୍ୱେ, ଭାରତୀୟ ଖେଳାଳିମାନଙ୍କୁ ଅଣଦେଖା କରାଯାଉଛି। ଭାରତୀୟ ଖେଳାଳିମାନେ ସେମାନଙ୍କୁ ସୁଯୋଗ ଦେବାର ମୂଲ୍ୟ ଦେଉଛନ୍ତି ସେ ଚେତାବନୀ ଦେଇଛନ୍ତି ଯେ ଯଦି ସେମାନେ ସମାନ ରଣନୀତି ଜାରି ରଖନ୍ତି, ତେବେ ଏଥର ମଧ୍ୟ ସେମାନଙ୍କୁ ଟ୍ରଫି ମିଳିବ ନାହିଁ। ସୂଚନାଯୋଗ୍ୟ, ବିପକ୍ଷ ଏହି ମ୍ୟାଚ୍‌ରେ ମ୍ୟାକ୍ସୱେଲ ୮ ବଲ୍‌ରେ କେବଳ ୭ ରନ୍ କରିପାରିଥିଲେ। ସେ ଏହି ସିଜିନରେ ୬ଟି ମ୍ୟାଚ ଖେଳିଛନ୍ତି ଏବଂ କେବଳ ୪୮ ରନ କରିପାରିଛନ୍ତି। ଏହା ବ୍ୟତୀତ, ର ଶେଷ ୨୦ ଇନିଂସରେ, ସେ ୧୩ ଥର ଦୁଇ ଅଙ୍କ ଛୁଇଁ ପାରି ନାହାଁନ୍ତି।

# ଭାରତକୁ ପ୍ରମାଣ ମାଗିଲେ ଶାହିଦ ଆଫ୍ରିଦି

ଇସଲାମାବାଦ, ୨୮।୪(ମହାଭାରତ): ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଚାରିଆଡେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ଶାହିଦ ଆଫ୍ରିଦି ବିବାଦୀୟ ବୟାନ ଦେଇଛନ୍ତି। ପାକିସ୍ତାନ ସହ ଜଡିତ ଏକ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। ଏହା ସତ୍ତ୍ୱେ ଆଫ୍ରିଦି ଘଟଣାର ନିନ୍ଦା କରିବା ପରିବର୍ତ୍ତେ ଭାରତଠାରୁ ପ୍ରମାଣ ମାଗିଛନ୍ତି। ପାକିସ୍ତାନକୁ ଦୋଷ ଦେବା ପାଇଁ, ଆଫ୍ରିଦି ଲଜ୍ଜାଜନକ ଭାବରେ ଭାରତକୁ ସମାଲୋଚନା କରିଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ କୌଣସି ତଦନ୍ତ ବିନା ପାକିସ୍ତାନକୁ ଦୋଷ ଦେବା ଠିକ ନୁହେଁ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣ ଉପରେ ଶାହିଦ



ଆଫ୍ରିଦିଙ୍କ ମତାମତ ପଚରାଯାଇଥିଲା।ଜବାବରେ ପାକିସ୍ତାନ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଫ୍ରିଦି କହିଛନ୍ତି, ମୁଁ କ୍ରିକେଟ ଏବଂ କ୍ରୀଡା କୂଟନୀତିରେ ଗଭୀର ବିଶ୍ୱାସ ରଖେ। ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ। ଯଦି ଆମେ ପଡ଼ୋଶୀ ଦେଶ, ତେଣୁ ଅମେ ପରସ୍ପରର ଯତ୍ନ ନେବା ଉଚିତ। କିନ୍ତୁ ଏହି ଘଟଣା ଏବେ ଘଟିଛି ଏବଂ ତୁମେ ସିଧାସଳଖ ପାକିସ୍ତାନର ନାମ ନେଲ ଅତି କମରେ ପ୍ରମାଣ ସହିତ ଆସନ୍ତୁ ବିଶ୍ୱକୁ କୁହନ୍ତୁ। ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରି କହିଛନ୍ତି ଯେ କୌଣସି ଧର୍ମର ଆତଙ୍କବାଦୀଙ୍କୁ କେହି ସମର୍ଥନ କରନ୍ତି ନାହିଁ। ଏହା ପାକିସ୍ତାନରେ ମଧ୍ୟ ଘଟୁଛି ଏହି ଘଟଣା ସତ୍ତ୍ୱେ ସେ ବିଶ୍ୱାସ କରନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ହେବା ଉଚିତ। କାରଣ ଯୁଦ୍ଧ କରିବାର କୌଣସି କାରଣ ନାହିଁ।

# କେକେଆରରେ ସାମିଲ ହେଲେ ନାୟର

ନୂଆଦିଲ୍ଲୀ, ୨୮।୪(ମହାଭାରତ): ଟିମ୍ ଇଣ୍ଡିଆର ପୂର୍ବତନ ସହାୟକ ପ୍ରଶିକ୍ଷକ ଅଭିଷେକ ନାୟାର ଏବେ ପ୍ରଶିକ୍ଷକ ଦଳର ଅଂଶ ନୁହଁନ୍ତି ନିକଟରେ ବିସିସିଆଇ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲା ହେଲେ ଦଳରୁ ବାଦ ପଡ଼ିବା ପରେ ଟି-୨୦ ଲିଗରେ ତାଙ୍କର ଚାହିଦା ବଢ଼ିଯାଇଛି।କିଛିଦିନ ପୂର୍ବେ ନାୟାର ଆଇପିଏଲ୍‌କୁ ଫେରି ପୂର୍ବତନ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସରେ ଯୋଗ ଦେଇଥିଲେ। ଏସବୁ ମଧ୍ୟରେ ଏବେ ତାଙ୍କୁ ଆଉ ଏକ ଚାକିରି ମିଳିଛି। ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ତାଙ୍କୁ ଟି-୨୦ ମୁମ୍ବାଇ ଲିଗର ତୃତୀୟ ସଂସ୍କରଣ ପାଇଁ ନିଜର ମେଣ୍ଟର(ମାର୍ଗଦର୍ଶକ) କରିଛି। ଏହାର ଅର୍ଥ ହେଉଛି। ସରିବା ପରେ ସେ ଏହି ଲିଗ୍‌ରେ ପ୍ରମୁଖ ଦାୟିତ୍ୱ ତୁଲାଇବେ।

ଟି-୨୦ ମୁମ୍ବାଇ ଲିଗରେ ଦୁଇଟି ନୂତନ ଦଳକୁ ସାମିଲ କରାଯାଇଛି।ମୁମ୍ବାଇ ଦକ୍ଷିଣ କେନ୍ଦ୍ରୀୟ ମରାଠା ରୟାଲ୍ସ ମଧ୍ୟ ସେମାନଙ୍କ ମଧ୍ୟରୁ



ଗୋଟିଏ ୨୦୨୫ ଆଇପିଏଲ୍ ଶେଷ ହେବା ପରେ, ୨୬ ମଇରେ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌ରେ ନାୟାରଙ୍କୁ ମେଣ୍ଟର ଭୂମିକାରେ ଦେଖିବାକୁ ମିଳିବ ସେ ପୂର୍ବତନ ମୁମ୍ବାଇ ଦ୍ରୁତ ବୋଲର ଏବଂ ଦଳର ମୁଖ୍ୟ ପ୍ରଶିକ୍ଷକ ଅମିତ ଦାନିଙ୍କ ସହ କାମ କରିବେ। ନାୟାର ୭ ମଇରେ ହେବାକୁ ଥିବା ନିଲାମ ସମୟରେ ଦଳକୁ ସାହାଯ୍ୟ କରିବେ ଅନ୍ୟପକ୍ଷରେ ପୂର୍ବତନ ଟିମ ଇଣ୍ଡିଆ। ବୋଲିଂ ପ୍ରଶିକ୍ଷକ ପାରସ ମାହାମ୍ବରେ ଏଆର୍‌ସିଏସ୍ ଅନ୍ଧେରୀ ଦଳରେ ମେଣ୍ଟର ଭାବରେ ଯୋଗ ଦେଇଛନ୍ତି ବର୍ତ୍ତମାନ ସେ ରେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ପ୍ରଶିକ୍ଷକ ଅଛନ୍ତି।

ନାୟାର ୨୦୨୪ ମସିହାରେ କୋଲକାତାର ଟାଇଟଲ ଜିତିଥିବା କୋଚିଂ ଷ୍ଟାଫ୍ର ଅଂଶ ଥିଲେ। ତାପରେ ଦଳ ଆଇପିଏଲ ଚାମ୍ପିଅନ ହେବା ପରେ, ମେଣ୍ଟର ଗୌତମ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ କରାଯାଇଥିଲା। ତାଙ୍କ ସହିତ ନାୟରଙ୍କୁ ମଧ୍ୟ ସହାୟକ ପ୍ରଶିକ୍ଷକ ଭାବରେ ଟିମ ଇଣ୍ଡିଆରେ ସାମିଲ କରାଯାଇଥିଲା। କିନ୍ତୁ ୧୦ ମାସରୁ କମ ସମୟ ମଧ୍ୟରେ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା। ଜାନୁଆରୀରେ ବିସିସିଆଇ ସମୀକ୍ଷା ବୈଠକ ପରେ ନାୟାରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

## ପାକିସ୍ତାନ ସୁପର ଲିଗରେ ସାମିଲ ୨୩ ଭାରତୀୟ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୮।୪: ପାକିସ୍ତାନ ସୁପର ଲିଗ (ପିଏସ୍ଏଲ୍)ର ପ୍ରଡକଶନ ଓ ବ୍ରଡକାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବ୍ୟବସ୍ଥା କରାଯାଇଛି।ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି।

ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍ଏଲ୍ ମ୍ୟାଚର ପ୍ରଡକ୍ସନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ୨୩ ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି । ଭାରତୀୟ କର୍ମଚାରୀମାନେ ଲାହୋରରୁ ୱାଘା ସୀମା ଦେଇ ସ୍ୱଦେଶ ଫେରିବେ ବୋଲି ଜଣେ ଅଧିକାରୀ କହିଛନ୍ତି। ପିଏସ୍ଏଲ୍ ମ୍ୟାଚ୍‌ର ପ୍ରଡ଼କ୍ସି ଓ ବ୍ରଡକାଷ୍ଟିଂ ଦାୟିତ୍ୱରେ ଥିବା କମ୍ପାନୀ ଭାରତୀୟ କ୍ୟାମେରାମ୍ୟାନ ଓ ଟେକ୍ନିସିଆନ୍ସଙ୍କୁ ନିଯୁକ୍ତ କରିଥିଲା। ଭାରତୀୟମାନେ ଫେରି ଯାଇଥିବାରୁ ସେମାନଙ୍କ ସ୍ଥାନରେ ବିଦେଶୀ ଓ ସ୍ଥାନୀୟ କ୍ୟାମେରାମ୍ୟାନ ଓ ଟେକ୍ନିସିଆନ୍ସଙ୍କୁ ନିଯୁକ୍ତ କରାଯାଇଛି।

# ପନ୍ତଙ୍କ ଉପରେ ୨୪ ଲକ୍ଷର ଜରିମାନା

ନୂଆଦିଲ୍ଲୀ, ୨୮।୪: ରବିବାର ୱାଙ୍ଖେଡେ ଷ୍ଟାଡିୟମରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫୪ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚ ପରେ ଲକ୍ଷ୍ନୌର ଅଧିନାୟକ ରିଷଭ ପନ୍ତଙ୍କୁ ଆଉ ଏକ ଝଟକା ଲାଗିଲା। ପନ୍ତଙ୍କ ଉପରେ ୨୪ ଲକ୍ଷ ଟଙ୍କାର ଜରିମାନା ଲଗାଇଛି।

ସ୍ଲୋ ଓଭର ରେଟ ଯୋଗୁଁ ଲକ୍ଷ୍ନୌ ଦଳ ଉପରେ ଏହି ଜରିମାନା ଲାଗୁ କରାଯାଇଥିଲା, ଯାହା ଏହି ସିଜନରେ ତାଙ୍କ ଦଳ ଦ୍ୱାରା ଦ୍ୱିତୀୟ ଉଲ୍ଲଂଘନ ଥିଲା



ତାଙ୍କ ଦଳକୁ ୬ ଲକ୍ଷ ଟଙ୍କା କିମ୍ବା ମ୍ୟାଚ ଫିର ୨୫ ପ୍ରତିଶତ ଦେବାକୁ ପଡିବ।

ପ୍ରକୃତରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ରବିବାର ଲକ୍ଷ୍ନୌ ସୁପରଜାଏଣ୍ଟସ ଅଧିନାୟକ ରିଷଭ ପନ୍ତଙ୍କୁ ସ୍ଲୋ ଓଭର ରେଟ ପାଇଁ ୨୪ ଲକ୍ଷ ଟଙ୍କା ଜରିମାନା କରିଛି।

ୱାଙ୍ଖେଡେରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଲକ୍ଷ୍ନୌ ୫୪ ରନରେ ଶୋଚନୀୟ ପରାଜୟ ବରଣ କରିଥିଲା। ଏହି ମ୍ୟାଚ ପରେ, ଲକ୍ଷ୍ନୌ ଦଳ ୧୦ଟି ମ୍ୟାଚରୁ ପାଞ୍ଚଟିରେ ବିଜୟୀ ହୋଇ -୦.୩୨୫ ନେଟ ରନ ରେଟ ସହିତ ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଛି।

ମୁମ୍ବାଇ ବିପକ୍ଷ ପରାଜୟ ପରେ, ଆଇପିଏଲ ପନ୍ତଙ୍କ ଉପରେ ଜରିମାନା ସମ୍ପର୍କରେ ସୂଚନା ଦେଇ ଏକ ବିବୃତ୍ତି ଜାରି କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସ୍ଲୋ ଓଭର ରେଟ ଯୋଗୁ ଷ୍ଟାର ୱିକେଟକିପର ବ୍ୟାଟସମ୍ୟାନଙ୍କୁ ଦ୍ୱିତୀୟ ଥର ପାଇଁ ଜରିମାନା କରାଯାଇଛି। ସେହି ସମୟରେ, ତାଙ୍କ ଦଳକୁ ୬ ଲକ୍ଷ ଟଙ୍କା କିମ୍ବା ମ୍ୟାଚ ଫିର ୨୫ ପ୍ରତିଶତ ଦେବାକୁ ପଡିବ।

ଆଇପିଏଲ ଏହାର ବିବୃତ୍ତିରେ ଲେଖିଛି, ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ, ଏହା ତାଙ୍କ ଦଳର ସିଜନର ଦ୍ୱିତୀୟ ଅପରାଧ ହୋଇଥିବାରୁ, ପନ୍ତଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ପ୍ରଭାବଶାଳୀ ଖେଳାଳିଙ୍କ ସମେତ ବାକି ପ୍ଲେଇଂ ଏକାଦଶକୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ, ଯାହା କମ ହେବ, ଜରିମାନା କରାଯିବ।

# ଜୁନିୟର ବକ୍ସିଂ ଚାମ୍ପିୟନଶିପ୍: ୪୩ ପଦକ ପକ୍କା କଲା ଭାରତ

ଅମାନ(ଜୋର୍ଡାନ), ୨୮।୪: ଜୋର୍ଡାନରେ ଚାଲିଥିବା ୧୫ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଉଦ୍‌ଘାଟନୀ ଏସିଆନ ଜୁନିୟମର ବକ୍ସିଂ ଚାମ୍ପିୟନଶିପରେ ଭାରତର ଆଉ ୪ଜଣ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ପ୍ରତିଯୋଗୀମାନେ ୪୩ ପଦକ ପକ୍କା କରିଛନ୍ତି। ପ୍ରତ୍ୟେକ ସେମିଫାଇନାଲିଷ୍ଟଙ୍କ ବ୍ରୋଞ୍ଜ ପଦକ ବ୍ୟବସ୍ଥା ଥିବାରୁ ଭାରତ ୧୫ ବର୍ଷରୁ କମ୍ ବିଭାଗରେ ୨୫ ଏବଂ ୧୭ ବର୍ଷରୁ କମ୍ ବିଭାଗରେ ୧୮ ପଦକ ପକ୍କା କରିଛି। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅମନ ସିୱାଚ (୬୩କେଜି) ଓ ଦେବାଂଶ (୮୦କେଜି) ଯଥାକ୍ରମେ ଫିଲିପାଇନ୍ସ ଓ ଜୋର୍ଡାନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସେମାନଙ୍କ କ୍ୱାର୍ଟରଫାଇନାଲ ବାଉଟ ରେଫରି ଷ୍ଟପଡ କଣ୍ଟେଷ୍ଟ (ଆଇଏସ୍‌ସି)ରେ ବିଜୟ ଲାଭ କରିଛନ୍ତି। ସେହିପରି ବାଳିକା ବିଭାଗରେ ସିମରନଜିତ୍ କୌର (୬୦କେଜି) ଜୋର୍ଡାନର ଆୟା ଅଲ୍‌ହାସାନତଙ୍କ ବିପକ୍ଷରେ ୫-୦ରେ ଏବଂ ହିମାଂଶି (୭୦କେଜି) ପାଲେଷ୍ଟାଇନ୍‌ର ଫାରାହା ଆବୋ ଲୟୋଲାଙ୍କ ବିପକ୍ଷରେ ଏକ ଆରଏସ୍‌ସି ସହିତ ବିଜୟୀ ହୋଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ